بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା 21

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

21 ମଇ 2020     21 ହିଜ୍‌ରତ୍ 1399 ହି.ଶ     27 ରମଜାନ୍ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَاٰتُوا النِّسَآءَ صَدُقٰتِہِنَّ نِحۡلَۃً ؕ فَاِنۡ طِبۡنَ لَکُمۡ عَنۡ شَیۡءٍ مِّنۡہُ نَفۡسًا فَکُلُوۡہُ ہَنِیۡٓـئًا مَّرِیۡٓـئًا ○

(النساء:5)

ଅନୁବାଦ- ଏବଂ ଆନନ୍ଦର ସହିତ ସ୍ତ୍ରୀମାନଙ୍କୁ ସେମାନଙ୍କ ମହେର ପ୍ରଦାନ କର; ତା'ପରେ ଯଦି ସେମାନେ ତୁମମାନଙ୍କୁ ସେଥିରେ କୌଣସି ଅଂଶ ସ୍ୱେଚ୍ଛାରେ ଛାଡ଼ି ଦିଅନ୍ତି ତେବେ ତାହାକୁ ତୁମେମାନେ ରୁଚିକର ଓ ପରିଣାମ ଦୃଷ୍ଟିରୁ ଉତମ ମନେ କରି ଭୋଗ କର ।

*(ଆଲେ ଇମରାନ୍: ୫)*

## ଅହମଦୀୟା ଖବର

୧୫ ମଇ ୨୦୨୦ ପବିତ୍ର ଯୁମା ଦିନ୍ ହଜ୍‌ରତ୍ ଅମୀରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ୍ ଫଂଚମ[ଅ:ବ:ଅ]ଙ୍କ ସ୍ୱାସ୍ଥ୍ୟ ଠିକ୍ ନଥିବା ଯୋଗୁଁ ଖୁତ୍‌ବା ଯୁମା ପ୍ରଦାନ କରିନାହାନ୍ତି ।

ଯମାତ୍‌ର ମିତ୍ରଗଣ ହଜୁର ଅନୱ୍ୱର ଅ:ବ:ଅଙ୍କ ଆଶୁ ଆରୋଗ୍ୟ, ଦୀର୍ଘାୟୁ, ମହାନ୍ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃ ତାଲା ହଜୁର ଅ:ବ:ଅଙ୍କୁ ପ୍ରତ୍ୟେକ ମୂହୁର୍ତରେ ସୁରକ୍ଷା, ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ । ॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବିରୁହିଲ୍ କୁଦୁସ୍ ୱ୍ୱ ବାରିକ୍‌ଲନା ଫି'ଉମ୍‌ରିହି ୱ୍ୱ ଅମ୍‌ରିହି ॥**

## ରମ୍‌ଜାନ୍‌ର ଏହି ଶେଷ ଦଶଦିନଗୁଡ଼ିକରେ ପୂର୍ବାପେକ୍ଷା ଅଧିକା ଅଲ୍ଲାଃ ତାଲାଙ୍କ ଆଗରେ ନତମସ୍ତକ ହୁଅନ୍ତୁ ଏବଂ ବିନମ୍ର ପ୍ରାର୍ଥନା କରନ୍ତୁ ଏବଂ ଅଲ୍ଲାଃ ତାଲାଙ୍କ ଠାରୁ ତା'ର କରୁଣା ଓ କୃପା ମାଗନ୍ତୁ । ଆମିନ୍ ।

### ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ (ଫଂଚମ) ଅୟଦହୁଲ୍ଲାହୁ ତାଲା ବିନସ୍‌ରିହିଲ୍ ଅଜିଜ୍‌ଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ।

୧୫ ମଇ ୨୦୨୦ ପବିତ୍ର ଯୁମା ଦିନ ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଖୁତ୍‌ବା ଯୁମା ପ୍ରଦାନ କରିନାହାନ୍ତି । ସେ ଏହି ଅବସରରେ ଯମାତ୍‌ର ସଦସ୍ୟମାନଙ୍କ ନିମନ୍ତେ ଗୋଟିଏ ବାର୍ତା ପ୍ରଦାନ କରିଛନ୍ତି ଯାହାକୁ ହଜୁର ଅନୱ୍ୱର ଅ:ବ:ଅଙ୍କ ପ୍ରାଇଭେଟ ସେକ୍ରେଟାରୀ ଶ୍ରୀମାନ୍ ମୁନୀର୍ ଅହ୍‌ମଦ୍ ଜାୱେଦ୍ ସାହେବ ଏମ୍.ଟି.ଏ ଜରିଆରେ ଯାମତ୍‌ର ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି ।

ହଜୁର ଅନୱ୍ୱର ଅ:ବ:ଅ କହିଲେ:

ମୁଁ ବହୁତ ଦୁଃଖିତ ଯେ ଆଜି ମୁଁ ଯୁମା ପଢ଼ାଇପାରିବି ନାହିଁ କାରଣ ବିଗତ ଦିନ ଘର ଅଗଣାରେ ଚାଲୁଥିବା ବେଳେ ଗାଲିଚା (Mat)ରେ ପାଦ ଧକ୍କା ଲାଗିବା ଯୋଗୁଁ ଗୋଡ଼ ଖସିଗଲା, ତେଣୁ ପକ୍କା ଚଟାଣରେ ପଡ଼ିଯିବା ଯୋଗୁଁ ମଥା ଓ ନାକରେ ଭିଷଣ ଆଘାତ ଲାଗିଛି, ସେଥିଯୋଗୁଁ ଯୁମା ପଢ଼ାଇବା କଷ୍ଟକର । ଡ଼ାକ୍ତରଙ୍କର ମଧ୍ୟ ଏହି ପରାମର୍ଶ ଯେ ଆରାମ୍ କରାଯାଉ । ଦୁଆ କରନ୍ତୁ ଅଲ୍ଲାଃ ତାଲା ସମ୍ପୂର୍ଣ୍ଣ ଆରୋଗ୍ୟ ପ୍ରଦାନ କରନ୍ତୁ ଓ ଆସନ୍ତା ଯୁମାକୁ ଇନ୍‌ଶାଅଲ୍ଲାଃ ଉପସ୍ଥିତ ହୋଇପାରିବି ।

ଏବେ ରମ୍‌ଜାନ୍‌ର ଶେଷ ଦଶକ ଚାଲିଛି, ଏଥିରେ ଯମାତ୍ ପାଇଁ ମଧ୍ୟ ବହୁତ ଦୁଆ କରନ୍ତୁ । ଅଲ୍ଲାଃ ତାଲା ଯମାତ୍‌କୁ ପ୍ରତ୍ୟେକ ପ୍ରକାର ବିପତିରୁ ବଂଚାନ୍ତୁ ଓ ନିଜ ସୁରକ୍ଷାରେ ରଖନ୍ତୁ । ପାକିସ୍ତାନ୍‌ରେ ଆଜିକାଲି ରାଜନେତାମାନେ ଓ ମିଡ଼ିଆବାଲା ମଧ୍ୟ ଯମାତ୍ ବିରୋଧରେ ବହୁତ ଆକ୍ରୋଶ ଦେଖାଉଛନ୍ତି । ଅଲ୍ଲାଃ ତାଲା ଏବଂ ତାହାଙ୍କ ରସୁଲ୍ ହଜ୍‌ରତ୍ ଖାତ୍‌ମୁଲ୍ ଅମ୍ବିୟା ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ନାମରେ ରାଜନୀତି ଖେଳୁଛନ୍ତି ଓ ଏ ଆଧାରରେ ଅହେମଦୀମାନଙ୍କୁ ବହୁ ମାତ୍ରାରେ ନିଶାନା (ଲକ୍ଷ୍ୟ) କରିବାକୁ ଚେଷ୍ଟା କରୁଛନ୍ତି । ଅଲ୍ଲାଃ ତାଲା ଅହେମଦୀମାନଙ୍କୁ ଏବଂ ପୁରା ଜାତିକୁ ସେମାନଙ୍କର ଏହି ଖେଳର କୁପ୍ରଭାବରୁ ସୁରକ୍ଷିତ ରଖନ୍ତୁ । ସେ ଯାହାହେଉ ସେମାନଙ୍କର ପ୍ରତ୍ୟେକ ଆକ୍ରମଣର ଉତରରେ, ଆମର କାମ ହେଉଛି ଦୁଆ କରିବା ଓ ଅଲ୍ଲାଃଙ୍କ ସମ୍ମୁଖରେ ନତମସ୍ତକ ହେବା । ରମ୍‌ଜାନ୍‌ର ଏହି ଶେଷ ଦଶଦିନରେ ପୂର୍ବାପେକ୍ଷା ଅଧିକା ଅଲ୍ଲାଃ ତାଲାଙ୍କ ଆଗରେ ତା'ର କରୁଣା ଓ କୃପା ମାଗନ୍ତୁ । ଅଲ୍ଲାଃ ତାଲା ପ୍ରତ୍ୟେକ ଅହେମଦୀଙ୍କୁ ଏହା କରିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ଏହାପରେ ଶ୍ରୀମାନ ଡ଼ାକ୍ତର ଶବୀର୍ ଭଟ୍ଟି ସାହେବ ହଜୁର ଅନୱ୍ୱର ଅ:ବ:ଅଙ୍କ ମେଡ଼ିକାଲ୍ ରିପୋର୍ଟ ସମ୍ବନ୍ଧରେ ଯମାତ୍‌ର ସଦସ୍ୟମାନଙ୍କୁ ଅବଗତ କରାଇଲେ ।

ଡ଼ାକ୍ତର ସାହେବ କହିଲେ: ହଜୁର ଅନୱ୍ୱର ଅ:ବ:ଅ ପଡ଼ିଯିବା ଦ୍ୱାରା ମଥା ଓ ଆଣ୍ଠୁରେ ଆଘାତ ଲାଗିଛି । ଖୁଦାତାଲାଙ୍କ ବିଶେଷ କୃପାରୁ ଏହି ଆଘାତ ହାଲ୍‌କା ଲାଗିଛି । ମଥା ଓ ଅନ୍ୟ ଅଙ୍ଗପ୍ରତ୍ୟେଙ୍ଗରେ କୌଣସି ଗଭୀର ଆଘାତ ଲାଗିନାହିଁ । ଇନ୍‌ଶାଅଲ୍ଲାଃ ପୂର୍ଣ୍ଣ ଆରୋଗ୍ୟ ମିଳିଯିବ । ହଜୁର ବିନା କୌଣସି କଷ୍ଟରେ ଚଲାବୁଲା କରୁଛନ୍ତି, ମୋଟାମୋଟି ଅବସ୍ଥା ଠିକ୍ ଅଛି । ଅଲ୍‌ହମ୍‌ଦୁଲିଲ୍ଲାଃ । ହଜୁର ଅନୱ୍ୱର ଅ:ବ:ଅଙ୍କୁ ବିନମ୍ର ଦରଖାସ୍ତ କରାଯାଇଥିଲା ଯେ କିଛି ଦିନ ଆରାମ୍ କରନ୍ତୁ ଓ ଯୁମା ମଧ୍ୟ ପଢ଼ାନ୍ତୁ ନାହିଁ । ଯାହା ହଜୁର ଅନୱ୍ୱର ସାଦରେ ମଞ୍ଜୁର କରିନେଲେ । ଯଜାକୁମୁଲ୍ଲାଃ

••••••*••••••*••••••*••••••

ହଜୁର ଅନୱ୍ୱର ଅ:ବ:ଅଙ୍କ ସାସ୍ଥ୍ୟ ସମ୍ବନ୍ଧରେ ଡ଼ାକ୍ତର ଶବୀର୍ ଅହମଦ୍ ଭଟ୍ଟି ସାହେବଙ୍କର ତାଜା ରିପୋର୍ଟ (୧୭ ମଇ ୨୦୨୦ ରବିବାର)

ଅଲ୍ଲାଃ ତାଲାଙ୍କ କୃପାରୁ ହଜୁର ଅନୱ୍ୱର ଅ:ବ:ଅଙ୍କ ସାସ୍ଥ୍ୟ ଆଜି ବହୁତ ଭଲ ଅଛି । କ୍ଷତସ୍ଥାନରେ ପିଡ଼ା କମ୍ ହୋଇଛି ଏବଂ ମଥା, ନାକ ଓ ଆଣ୍ଠୁର କ୍ଷତ ବହୁତ ସନ୍ତୋଷମୁଳକ ରୁପେ ଉପଷମ ମିଳୁଅଛି । ଅଲ୍‌ହମ୍‌ଦୁଲିଲ୍ଲାଃ

ହଜୁର ଅନୱ୍ୱର ଅ:ବ:ଅ ଡ଼ାକ (ଚିଠିପତ୍ର) ମଧ୍ୟ ଦେଖୁଛନ୍ତି ଏବଂ ଯମାତ୍‌ର ସମସ୍ତ ସଦସ୍ୟମାନଙ୍କ ପାଇଁ ଦୁଆ ମଧ୍ୟ କରୁଛନ୍ତି । ଆପଣମାନେ ମଧ୍ୟ ପ୍ରୀୟ ଆକାଙ୍କ ପାଇଁ ସହୃଦୟତାର ସହିତ ଦୁଆ ଜାରି ରଖନ୍ତୁ ଯେ ଅଲ୍ଲାଃ ତାଲା କେବଳ ତା'ର କୃପାବଳରୁ ହଜୁରଙ୍କୁ ଶୀଘ୍ର ପୂର୍ଣ୍ଣ ଆରୋଗ୍ୟ ପ୍ରଦାନ କରନ୍ତୁ ଫଳତଃ ଯମାତର ଲୋକମାନେ ଆସନ୍ତା ଯୁମାକୁ ନିଜ ପ୍ରୀୟ ଇମାମଙ୍କୁ ଦର୍ଶନ କରିପାରିବେ ।

••••••*••••••*••••••*••••••

ଯମାତ୍‌ର ମିତ୍ରଗଣ, ପ୍ରୀୟ ଆକା ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ ବିଶେଷରୂପେ ଦୁଆ କରୁଥାନ୍ତୁ ।

**ଅଲ୍ଲାହୁମ୍ମା ରବ୍‌ବନ୍ ନାସି, ଅଜ୍‌ହିବଲ୍ ବାଅସା, ଇଶ୍‌ଫି ଅନ୍‌ତଶ୍ ଶାଫି ଲା ଶିଫାଆ ଇଲ୍ଲା ଶିଫାଉକା, ଶିଫାଅଲ୍ ଲା ୟୁଗାଦିରୁ ସକମା ।**

# ::ଦରସୁଲ୍ କୁର୍ଆନ୍::

## ପବିତ୍ର କୁର୍ଆନ୍‌ର ଶେଷ ତିନୋଟିଯାକ ସୁରାଃର ଦରସ୍

**ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଆଗମନ ଯୋଗୁଁ ଉଦୟ ହୋଇଥିବା ପ୍ରତ୍ୟୁଷରୁ ଲାଭ ଉଠାଇବା ପାଇଁ ତତ୍‌ସହିତ ଏହି ସୁରାଃଗୁଡ଼ିକରେ ବର୍ଣ୍ଣିତ ଦୁଆ ଓ ନିଜ କର୍ମ ଦ୍ୱାରା ଦଜ୍ଜାଲ୍‌ର ଚକ୍ରାନ୍ତରୁ ବଂଚିବା ପାଇଁ ଉପଦେଶ ।**

**ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ବର୍ଣ୍ଣିତ ତଫ୍‌ସୀର୍ (ବ୍ୟାଖ୍ୟା) ଅନୁସାରେ ଏହି ସୁରାଃ ଗୁଡ଼ିକର ବିଷୟ ବସ୍ତୁ ଉପରେ ଜ୍ଞାନବର୍ଦ୍ଧକ ଚର୍ଚ୍ଚା**

**କେତେକ ମସ୍‌ନୁନ୍ ଦୁଆ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର କେତେକ ଏଲ୍‌ହାମି (ଈଶ୍ୱରୀୟ) ଦୁଆର ଚର୍ଚ୍ଚା**

### ଇଜ୍‌ତିମାଇ ଦୁଆ (ସାମୁହିକ ପ୍ରାର୍ଥନା)

**ସୟଦନା ଅମୀରୁଲ୍ ମୁମିନିନ୍ ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହ୍‌ମଦ୍ ଖଲିଫତୁଲ୍ ମସିହ ପଂଚମ ଅ:ବ:ଅଙ୍କ ଦରସୁଲ୍ କୁର୍ଆନ୍ । ପ୍ରଦତ ୪ ଜୁନ୍ ୨୦୧୯ ମୁତାବକ ୪ ଏହ୍‌ସାନ୍ ୧୩୯୮ ହିଜ୍‌ରି ଶମ୍‌ସି, ୨୯ ରମ୍‌ଜାନୁଲ୍ ମୁବାରକ ୧୪୪୦ ହିଜ୍‌ରି କମ୍‌ରି ସ୍ଥାନ: ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ (ଟିଲ୍‌ଫୋର୍ଡ୍, ସୁରେ) ୟୁ.କେ ।**

أَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ ۔
قُلْ هُوَ اللّٰهُ اَحَدٌ ۔ اَللّٰهُ الصَّمَدُ ۔ لَمْ يَلِدْ وَلَمْ يُوْلَدْ ۔ وَلَمْ يَكُنْ لَّهٗ كُفُوًا اَحَدٌ ۔

بِسْمِ اللّٰهِ الرَّحْمٰنِ الرَّحِيْمِ
قُلْ اَعُوْذُ بِرَبِّ الْفَلَقِ ۔ مِنْ شَرِّ مَا خَلَقَ ۔ وَمِنْ شَرِّ غَاسِقٍ اِذَا وَقَبَ ۔
وَمِنْ شَرِّ النَّفّٰثٰتِ فِى الْعُقَدِ ۔ وَمِنْ شَرِّ حَاسِدٍ اِذَا حَسَدَ

بِسْمِ اللّٰهِ الرَّحْمٰنِ الرَّحِيْمِ
قُلْ اَعُوْذُ بِرَبِّ النَّاسِ ۔ مَلِكِ النَّاسِ ۔ اِلٰهِ النَّاسِ ۔ مِنْ شَرِّ الْوَسْوَاسِ الْخَنَّاسِ ۔
الَّذِىْ يُوَسْوِسُ فِىْ صُدُوْرِ النَّاسِ ۔ مِنَ الْجِنَّةِ وَالنَّاسِ ۔

**ସୟଦନା ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଦ୍ୱାରା ପ୍ରଦତ ଦରସୁଲ୍ କୁର୍ଆନ୍ ୪ ଜୁନ୍ ୨୦୧୯ ର ବଳକାଅଂଶ**

ଅତଏବ୍ ଏମାନେ ପ୍ରଭୁତ୍ୱ ତ ରଖିପାରିବେ ନାହିଁ କିନ୍ତୁ ଏମାନଙ୍କର ଚେଷ୍ଟା ରହିବ ଯେ କୌଣସି ନା କୌଣସି ପ୍ରକାରେ ଭାଙ୍ଗି ପାରିବେ । ବିଭିନ୍ନ ପ୍ରକାରର ଆଳ ଦେଖାଇ, ସହାନୁଭୁତି ଦେଖାଇ ଓ ମୁସଲମାନ ହୋଇ ଏମାନେ ଯମାତ୍‌ରେ ବିଭ୍ରାଟ ସୃଷ୍ଟି କରିବାପାଇଁ ଚେଷ୍ଟା କରିଚାଲିଛନ୍ତି । ସୁତରାଂ ଯଦି ଏହି ଫିତ୍‌ନା (ବିଭ୍ରାଟ)ରୁ କିଏ ବଂଚାଇ ପାରେ ତେବେ ସେ ହେଉଛନ୍ତି ଅଲ୍ଲାଃ ତାଲା । କହୁଛନ୍ତି: ତୁମା ପାଳନାକର୍ତା ହିଁ ତୁମକୁ ବଂଚାଇବେ । ସେହି ପାଳନ କର୍ତା ବଂଚାଇବେ ଯିଏ ସୁବହ୍ ସାଦିକ୍ (ଅର୍ଥାତ ପ୍ରତ୍ୟୁଷ)କୁ ଉଦୟ କରିଛନ୍ତି । ଯିଏ ମସିହ୍ ମଉଦଙ୍କୁ ପ୍ରେରଣ କରିଛନ୍ତି । ଯିଏ ଆମକୁ ବତାଇ ଦେଇଛନ୍ତି ଯେ ସାରା ସଂସାରର ପାଳନକର୍ତା ସେ ହେଉଛନ୍ତି **ରବ୍‌ବିନ୍ ନାସ୍** ଅର୍ଥାତ ସମଗ୍ର ମାନବ ସମାଜର ପାଳନକର୍ତା । ଅତଏବ୍ ଯଦି ବଂଚିବାକୁ ଚାହୁଁଅଛ ତେବେ ଏକ ଅସ୍ତିତ୍ୱକୁ ନିଜର ପାଳନକର୍ତା ରୁପେ ମାନିନିଅ । ନିଜମନ ଭିତରେ ଭାଳ ଓ ଦେଖ ଯେ କଣ ଆମେ ବାସ୍ତବିକ ସେହି ଖୁଦାଙ୍କ ଶରଣରେ ଆସିବାପାଇଁ ଚେଷ୍ଟା କରୁଛେ ଯିଏ ହେଉଛନ୍ତି ଏକ ଓ ଅଦ୍ୱିତୟ, ମାନବ ସମାଜର ପାଳନକର୍ତା ଏବଂ ସାରା ସଂସାରର ପାଳନକର୍ତା । ଅବଶ୍ୟ ଖୁଦା ତାଲା ଆମର ଭିନ୍ନ ଭିନ୍ନ ଅବସ୍ଥାକୁ ଦେଖି ଆମ ଲାଳନ ପାଳନ ପାଇଁ ଭିନ୍ନ ଭିନ୍ନ ମାଧ୍ୟମ ତିଆରି କରିଛି କିନ୍ତୁ ଏହା ସବୁ ମଧ୍ୟ ସେହି ସାରା ସଂସାରର ପାଳନକର୍ତାଙ୍କ ଦ୍ୱାରା ସୃଷ୍ଟ । ସୁରା ନାସ୍‌ରେ ଏ ବାବଦରେ ସ୍ପଷ୍ଟିକରଣ ଦିଆଯାଇଅଛି ଏବଂ ଆମର ଲାଳନପାଳନ ପାଇଁ ଅଲ୍ଲାଃ ତାଲା ଯେଉଁ ମାଧ୍ୟମସବୁ ଯୋଗାଇ ଦେଇଛନ୍ତି ଉଦାହରଣ ସ୍ୱରୁପ ବାପା ମାଆ ବା ଅନ୍ୟ ସବୁ ସାଧନ, ସେଥି ସକାଶେ ଆମେ ସେମାନଙ୍କର କୃତଜ୍ଞ । ଅଲ୍ଲାଃ ତାଲା ଆମକୁ ଏହାର ନିର୍ଦ୍ଦେଶ ଦେଇଛନ୍ତି । ବର୍ତମାନ ଯେଉଁ ସରକାର ରହିଛି ସେ ବଡ଼ ନ୍ୟାୟବନ୍ତ ସରକାର । ଯଦି ସେ ଆମ ଆବଶ୍ୟକତାକୁ ପୂରଣ କରୁଛନ୍ତି ବା ଆମକୁ ସ୍ୱାଧିନଭାବେ ଜୀବନଯାପନ ପାଇଁ ଅନୁମତି ଦେଇଛନ୍ତି ବା ଅନ୍ୟ ଯେକୌଣସି ମାଧ୍ୟମ ରହିଛନ୍ତି, ସେ ସମସ୍ତଙ୍କର କୃତଜ୍ଞତା ଏଥିଯୋଗୁଁ ଜ୍ଞାପନ କରାଯାଉଅଛି କି ଏହା ଖୁଦାଙ୍କର ନିର୍ଦ୍ଦେଶ ଅଛି କି କୃତଜ୍ଞତା ଜ୍ଞାପନ କର କିନ୍ତୁ ଅସଲ **ରବ୍‌ବିନ୍ ନାସ୍** (ମାନବର ପାଳନକର୍ତା) ସେହି ଏକ ଓ ଅଦ୍ୱିତୀୟ ଖୁଦା, ସେ ହେଉଛନ୍ତି ଅଲ୍ଲାଃ ଏବଂ ଏହି କଥା ଅଲ୍ଲାଃ ତାଲା କହିଛନ୍ତି ଯେ **ରବ୍‌ବି ହକିକି** (ଅର୍ଥାତ ବାସ୍ତବିକ ପାଳନକର୍ତା)ଙ୍କୁ କେବେ ଭୁଲିଯାଅ ନାହିଁ । ଯିଏ ହେଉଛନ୍ତି ରବ୍‌ବିନ୍ ନାସ୍ (ଅର୍ଥାତ ମାନବ ସମାଜର ପାଳନକର୍ତା) ।

ପୁଣି କହିଲେ ଯେ **ମଲିକିନ୍ ନାସ୍** (ଅର୍ଥାତ ମାନବ ସମାଜର ସମ୍ରାଟ)ଙ୍କ ଶରଣରେ ଆସିବାପାଇଁ ଦୁଆ କର ଯେ ସେ ହେଉଛନ୍ତି ସମ୍ରାଟମାନଙ୍କର ସମ୍ରାଟ ଏବଂ ସର୍ବୋତମ ଓ ପୃଥିବୀ ଓ ଆକାଶର ମାଲିକ, ଏକ ଓ ଅଦ୍ୱିତୀୟ । ଏହି ସମସ୍ତ ନେମତ୍ ଅର୍ଥାତ ଭୌତିକ ପୁରସ୍କାର ଗୁଡ଼ିକ ଏହି ସାଂସାରିକ ସମ୍ରାଟମାନେ ଦେଉନାହାନ୍ତି, ଏହା ସବୁ ତୁମକୁ ଖୁଦା ଦେଇଛନ୍ତି ବରଂ ଏ ଦୁନିଆର ଯେଉଁ ସମ୍ରାଟ ମାନେ ଅଛନ୍ତି, ସେମାନଙ୍କୁ ମଧ୍ୟ ସେହି ଖୁଦା ହିଁ ଦେଉଛନ୍ତି । ସୁରା ଇଖ୍‌ଲାସ୍‌ରେ ଏହାର ସ୍ପଷ୍ଟିକରଣ ଦିଆଯାଇଅଛି ଯେ ଅଲ୍ଲାଃ ତାଲା ହେଉଛନ୍ତି ସମସ୍ତ ବିଶେଷ ଗୁଣର ମାଲିକ । ତାହାଙ୍କ ବିନା ଆଶ୍ରୟରେ କୌଣସି ସମ୍ରାଟ ମଧ୍ୟ ତିଷ୍ଠିପାରିବ ନାହିଁ । ଏହି ସାଂସାରିକ ସମ୍ରାଟମାନେ ଯଦି ନାରାଜ ହୋଇଯାଆନ୍ତି ବା ତାଙ୍କ ଇଚ୍ଛା ବିରୋଧରେ କୌଣସି କଥା ହୋଇଯାଏ ତେବେ ସେମାନେ କେବଳ ନ୍ୟାୟର ମାର୍ଗକୁ ପରିତ୍ୟାଗ କରିଦିଅନ୍ତି ନାହିଁ ବରଂ ଅତ୍ୟାଚାର ଓ ଜୁଲମର ସୀମା ପାର କରିଦିଅନ୍ତି । ତେଣୁ ଅଲ୍ଲାଃ ତାଲା କହୁଛନ୍ତି ଯେ ଯେତେବେଳେ ଏହିଭଳି ଅତ୍ୟାଚାରୀ ସମ୍ରାଟମାନଙ୍କ ଯୁଗରେ ତୁମେମାନେ ଜୀବନ ନିର୍ବାହ କରୁଥିବ, ସେତେବେଳେ ଯିଏ ଅସଲ ମାଲିକ ଅର୍ଥାତ ଅଲ୍ଲାଃ ତାଲା ତାହାଙ୍କ ଶରଣରେ ଆସିବାପାଇଁ ପ୍ରାର୍ଥନା କର । ଅହେମଦୀମାନଙ୍କୁ ବିଶେଷ ରୂପେ ଏଥିପ୍ରତି ଧ୍ୟାନ ଦେବା ଉଚିତ । ଏବେକାର ଯେଉଁ ମୁସ୍‌ଲିମ୍ ରାଷ୍ଟ୍ରଗୁଡ଼ିକର ସରକାର ଅଛନ୍ତି ବା ରାଷ୍ଟ୍ରନେତା ଅଛନ୍ତି, ଏମାନେ ନିଜକୁ ଜଗତର ସ୍ୱାମୀ ବୋଲି ଭାବୁଛନ୍ତି । ଅହେମଦୀମାନଙ୍କ ବିରୋଧରେ ଏପରି ସଙ୍ଗିନ କାନୁନ୍ ତିଆରି କରୁଛନ୍ତି ଯେ କିପରି ଆମ ଅହେମଦୀମାନଙ୍କୁ ବାସ୍ତବିକ ଇସ୍‌ଲାମ୍ ଉପରେ ତିଷ୍ଠି ରହିବାପାଇଁ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତରେ ରହିବାରୁ ନିବୃତ ରଖିବେ । ତେଣୁ ଅଲ୍ଲାଃ ତାଲା କହୁଛନ୍ତି ଯେ ଏହିଭଳି ପରିସ୍ଥିତିରେ ଯଦି କିଛି ଶରଣ ନେବାର ସ୍ଥାନ ଅଛି, ଯଦି କୌଣସି ବାସ୍ତବିକ ସମ୍ରାଟ ଅଛନ୍ତି, ଯାହାଙ୍କ ଶରଣରେ ତୁମେମାନେ ଆସିପାରିବ ତେବେ ସେ ହେଉଛି **ମଲ୍‌କିନ୍**

*ଅବଶିଷ୍ଟାଂଶ ପୃଷ୍ଠା-୮ ରେ ଦେଖନ୍ତୁ...*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ଅବ୍‌ଦୁର୍ ରହ୍‌ମାନ ର:ଅ କହୁଛନ୍ତି ଯେ ମୋର ଇଶାରା କରିବାର ଥିଲା ଯେ ସେହି ଦୁଇଜଣ ବାଳକ ବାଜପକ୍ଷୀପରି ଝାମ୍ପି ପଡ଼ିଲେ ଏବଂ ଶତ୍ରୁମାନଙ୍କ ସଫ୍ (ଧାଡ଼ି)କୁ ଲଂଘି ଆଖି ପିଛୁଳାକେ ସେଠାରେ ପହଂଚିଗଲେ ଏବଂ ଏତେ ଜୋର୍‌ରେ ଆଘାତ ଦେଲେ ଯେ ଅବୁ ଜହଲ୍ ଏବଂ ତା'ର ସାଥିମାନେ ଜଳକା ପରି ଚାହିଁ ରହିଲେ ଓ ଅବୁ ଜହଲ୍ ମାଟିରେ ପଡ଼ି ଲୋଟୁଥିଲା ।**

**ଆଁ ହଜ୍‌ରତ୍ ସ:ଆ:ସଙ୍କ ମହାନ ବଦ୍‌ରି ସାହାବି ହଜ୍‌ରତ୍ ମୁଆଜ୍ ବିନ୍ ର:ଅଙ୍କ ବିଶେଷ ଗୁଣ ଗାରିମାର ବର୍ଣ୍ଣନା**

**ଦୁଇଜଣ ମୁସଲମାନ ଯୁବକଙ୍କ ହାତରେ କୁଫାର୍ (ଅର୍ଥାତ ଅବିଶ୍ୱାସକାରୀ)ଙ୍କ ସରଦାର୍ ଅବୁଜହଲ୍‌ର ବଧ ଏବଂ ଏହାର ବିବରଣୀ**

**ଖିଲାଫତ୍‌ର ଆଜ୍ଞାବହ ଏବଂ ପ୍ରେମୀ, ସାହାସୀ, ବାହାଦୁର୍ ଏବଂ କଲ୍‌ମାର ସୁରକ୍ଷାକାରୀ, ଅଲ୍ଲାଃଙ୍କ ମାର୍ଗରେ ଜେଲ୍‌ଦଣ୍ଡ ଭୋଗିଥିବା ନିଷ୍ଠାବାନ୍ ସେବକ ବିଶେଷ ସୁରକ୍ଷା ଦଳର କର୍ମୀ ମୋହତରମ୍ ରାଣା ନଇମୁଦ୍ଦିନ୍ ସାହେବଙ୍କ ଦେହାନ୍ତରେ, ତାଙ୍କ ସୁଗୁଣାବଳୀର ଚର୍ଚ୍ଚା**

**''ମୁଁ ତାଙ୍କ ଚେହେରାରେ ସର୍ବଦା ଶାନ୍ତି ଦେଖିଛି ଓ ଖିଲାଫତ୍ ପାଇଁ ପ୍ରେମଭାବ ଦେଖିଛି''**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ:ବ**
**(ପ୍ରଦତ୍ତ: ୧୭ ଏପ୍ରିଲ୍ ୨୦୨୦ ଅନୁଯାୟୀ ୧୭ ଶାହାଦତ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଆଜି ବଦରି ସାହାବାଙ୍କ ମଧ୍ୟରେ ହଜ୍‌ରତ୍ ମାଆଜ୍ ବିନ୍ ହାରିସ୍ ର:ଅଙ୍କର ଚର୍ଚ୍ଚା ହେବ । ହଜ୍‌ରତ୍ ମାଆଜ୍‌ଙ୍କ ସମ୍ପର୍କ ଅନ୍‌ସାର କବିଲାର ଖଜ୍‌ରଜ୍ ଶାଖା ଅନ୍ତର୍ଗତ ବନୁ ମାଲିକ୍ ବିନ୍ ନଜାର ସହିତ ଥିଲା । ହଜ୍‌ରତ୍ ମାଆଜ୍ ବିନ୍ ହାରିସ୍ ର:ଅଙ୍କ ପିତାଙ୍କ ନାମ ହାରିସ୍ ବିନ୍ ରଫା ଥିଲା ଏବଂ ମାଆଙ୍କ ନାମ ଅଫରା ବିନ୍‌ତେ ଅବି ଥିଲା । ହଜ୍‌ରତ୍ ମଉଜ୍ ଓ ହଜ୍‌ରତ୍ ଅଓଫ୍ ତାଙ୍କର ଦୁଇ ଭାଇ ଥିଲେ । ଏହି ତିନିଭାଇଙ୍କୁ ବନୁ ଅଫ୍‌ରା ମଧ୍ୟ କୁହାଯାଉଥିଲା । ହଜ୍‌ରତ୍ ମାଆଜ୍ ବିନ୍ ହାରିସ୍ ର:ଅ ଓ ତାଙ୍କର ଦୁଇଭାଇ ସଭିଏଁ ବଦର୍ ଯୁଦ୍ଧରେ ସାମିଲ ଥିଲେ । ହଜ୍‌ରତ୍ ଅଓଫ୍ ଓ ହଜ୍‌ରତ୍ ମଉଜ୍ ଦୁହେଁ ବଦର୍ ଯୁଦ୍ଧରେ ଶହୀଦ ହୋଇଥିଲେ । କିନ୍ତୁ ହଜ୍‌ରତ୍ ମାଆଜ୍ ବିନ୍ ହାରିସ୍ ର:ଅ ବଦର୍ ପରେ ମଧ୍ୟ ସମସ୍ତ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସାଥିରେ ସାମିଲ ଥିଲେ । ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜରତ ହାରିସ୍ ଓ ହଜ୍‌ରତ୍ ରାଫେ ବିନ୍ ମାଲିକ୍ ଜୁର୍‌କି ସେହି ପ୍ରାରମ୍ଭିକ ଅନ୍‌ସାରମାନଙ୍କ ମଧ୍ୟରେ ଥିଲେ ଯିଏ ହଜ୍‌ରତ୍ ଅକ୍‌ରମ୍ ଯିଏ ହଜୁର ସ:ଆ:ସଙ୍କ ଉପରେ ମକ୍କାରେ ହିଁ ଦୀକ୍ଷା ନେବାର ସୌଭାଗ୍ୟ ଅର୍ଜନ କରିନେଇଥିଲେ । ସେହିପରି ବୟତେ ଉକ୍‌ବା ସାନିଆ ଅବସରରେ ମଧ୍ୟ ହଜ୍‌ରତ୍ ମାଆଜ୍ ଉପସ୍ଥିତ ଥିଲେ । ହଜ୍‌ରତ୍ ମୁଅମ୍ମର୍ ବିନ୍ ହାରିସ୍ ଯେତେବେଳେ ମକ୍କାରୁ ହିଜ୍‌ରତ୍ କରି ମଦିନା ଆସିଲେ ସେତେବେଳେ ହଜୁର ସ:ଆ:ସ ତାଙ୍କ ମଧ୍ୟରେ ଓ ହଜ୍‌ରତ୍ ମାଆଜ୍ ବିନ୍ ହାରିସ୍ ର:ଅଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । *(ଉସଦୁଲ୍ ଗାବାଃ ଖଣ୍ଡ-୫, ପୃ-୧୯୦-୧୯୧........ବେରୁତ ୨୦୦୩) ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୩୭୪....... ବେରୁତ ୧୯୯୦)*

ଅବୁ ଜହଲ୍‌ର ହତ୍ୟା ସମ୍ବନ୍ଧିୟ ବାଖ୍ୟା ଯଦିଚ ଗତବର୍ଷ ଗୋଟିଏ ଖୁତ୍‌ବାରେ ମୁଁ ଆଲୋଚନା କରିସାରିଛି କିନ୍ତୁ ଏଠାରେ ମଧ୍ୟ ବର୍ଣ୍ଣନା କରିବା ଜରୁରୀ କାରଣ ଉକ୍ତ ଘଟଣା ସହିତ ହଜ୍‌ରତ୍ ମାଆଜ୍ ବିନ୍ ହାରିସ୍ ର:ଅଙ୍କ ସର୍ମ୍ପକ ଗଭୀର ରହିଛି ଏବଂ ତାହା ବୁଖାରୀରେ ମଧ୍ୟ ଦରଜ ରହିଛି ଏବଂ ତାହା ସଂକ୍ଷିପ୍ତ ରୂପେ ବର୍ଣ୍ଣନା କରିବା ମଧ୍ୟ ସମ୍ଭବ ନୁହେଁ । ତେଣୁ ମୁଁ ସମ୍ପୁର୍ଣ୍ଣ ବର୍ଣ୍ଣନା ଉପସ୍ଥାପନ କରିବି ।

ସାଲେହ୍ ବିନ୍ ଇବ୍ରାହିମ୍ ନିଜ ଦାଦା ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କଠାରୁ ବର୍ଣ୍ଣନା କରନ୍ତି କି ମୁଁ ବଦର ଯୁଦ୍ଧ ସମୟରେ ଧାଡ଼ି ବାନ୍ଧି ଛିଡ଼ା ହୋଇଥିବା ଅବସ୍ଥାରେ ମୁଁ ନିଜ ଦକ୍ଷିଣ ଓ ବାମପାର୍ଶ୍ୱକୁ ସାମାନ୍ୟ ନଜର କଲି ସେତେବେଳେ ମୁଁ କଣ ଦେଖିଲି କି ଦୁଇଜଣ ଅନ୍‌ସାରୀ ବାଳକ ଯାହାଙ୍କ ବୟସ ଖୁବ୍ କମ୍ ହେବ ଛିଡ଼ା ହୋଇଛନ୍ତି । ମୁଁ ମନେ କଲି କି ସମ୍ଭବତଃ ମୋ ନିକଟରେ ଏପରି ଲୋକ ଥାନ୍ତି ଯେ ବଳିଷ୍ଠ ଓ ସବଳ ଯୋଦ୍ଧା ଥାନ୍ତି । ଏତିକି ବେଳେ ସେମାନଙ୍କ ମଧ୍ୟରୁ ଜଣେ ମୋ ହାତକୁ ଦବାଇ ପଚାରିଲା ଚଚା କଣ ଆପଣ ଅବୁ ଜହଲ୍‌କୁ ଜାଣିଛନ୍ତି ମୁଁ ଉତର ଦେଲି ହଁ ପୁତୁରା କିନ୍ତୁ ତୁମର ତାଙ୍କ ନିକଟରେ କଣ କାମ ଅଛି । ସେ କହିଲା ମତେ ଖବର ମିଳିଛି ଯେ ମକ୍କାରେ ସେ ହଜୁର ସ:ଆ:ସଙ୍କୁ ଗାଳିଗୁଲଜ କରୁଥିଲା । ସେହି ପ୍ରଭୁଙ୍କ ରାଣ ଯାହାଙ୍କ ହସ୍ତମୁଠାରେ ମୋର ଜୀବନ ନାଟିକା ରହିଛି ଯଦି ମୁଁ ତାହାକୁ ଦେଖେ ତେବେ ମୋ ଆଖି ତା ଆଖିଠାରୁ ଅଲଗା ହେବ ନାହିଁ ଯେ ପର୍ଯ୍ୟନ୍ତ କି ଆମ ଦୁହିଁଙ୍କ ମଧ୍ୟରୁ ସେ ମୃତ୍ୟୁବରଣ ନ କରେ ଯାହାର ମରିବା ବିଧାତା ସ୍ଥିର କରିସାରିଛନ୍ତି । ସେ କୁହନ୍ତି ଏହା ଶୁଣି ମୁଁ ଆଶ୍ଚର୍ଯ୍ୟ ଚକିତ ହେଲି ଅର୍ଥାତ ହଜ୍‌ରତ୍ ଅବ୍‌ଦୁର୍ ବିନ୍ ଅଓଫ୍ ଆଶ୍ଚର୍ଯ୍ୟ ଚକିତ ହେଲେ । ସେ ଆହୁରି କୁହନ୍ତି କି ଦ୍ୱିତୀୟ ବାଳକ ଜଣକ ସେହିପରି ମୋ ହାତକୁ ଦବାଇ ମୋ ବିପରୀତ ପାର୍ଶ୍ୱରେ ଥିବା ବାଳକ ମତେ ସମାନ୍ କଥା ପଚାରିଲା । ଇତି ମଧ୍ୟରେ ମୁଁ ଦେଖିଲି କି ଅବୁ ଜହଲ୍ ଲୋକମାନଙ୍କ ମଧ୍ୟରେ ଘୂରି ବୁଲୁଛି ଅତଏବ ମୁଁ କହିଲି ସେ ତୁମର ସାଥି ଯାହାଙ୍କ ସମ୍ବନ୍ଧରେ ତୁମେ ପଚାରୁଥିଲ । ଏହା ଶୁଣିବାମାତ୍ରେ ସେ ଦୁହେଁ ନିଜ ନିଜ ଖଣ୍ଡା ଧରି ଅବୁ ଜହଲ୍ ଆଡ଼କୁ କୁଦା ମାରିଲେ ଏବଂ ତାହାକୁ ଏତେମାତ୍ରାରେ ମାରିଲେ ଯେ, ନିହତ କରିଦେଲେ ତା'ପରେ ସେମାନେ ହଜୁର ସ:ଆ:ସଙ୍କ ନିକଟକୁ ଫେରି ଆସି ଏହାର ସୁଚନା ଦେଲେ ହଜୁର ସ:ଆ:ସ ତାଙ୍କୁ ପଚାରିଲେ ତୁମେ ଦୁହିଁଙ୍କ ମଧ୍ୟରୁ କିଏ ତାକୁ ହତ୍ୟା କରିଛି ? ଉଭୟ କହିଲେ ମୁଁ ହଜୁର ସ:ଆ:ସ ପୁନଶ୍ଚ ପ୍ରଶ୍ନ କଲେ କଣ ତୁମ ନିଜ ତରବାରୀ ପୋଛି ସଫା କରିଦେଇଛ ? ସେମାନେ କହିଲେ ନାଁ ଅତଏବ ହଜୁର ଦୁହିଁଙ୍କ ତରବାରୀ ଦେଖିଲେ ଏବଂ କହିଲେ ତୁମେ ଦୁହେଁ ହିଁ ତାକୁ ହତ୍ୟା କରିଛ । ତା'ପରେ ହଜୁର ଅକରମ୍ ସ:ଆ:ସ କହିଲେ ତାହାର ଧନ ଅର୍ଥାତ ଅବୁଜହଲ୍‌ର ଧନସମ୍ପତି ହଜ୍‌ରତ୍ ମାଆଜ୍ ବିନ୍ ଉମ୍‌ରୋ ବିନ୍ ଜମୁହ୍‌ଙ୍କୁ ମିଳିବ ସେ ଦୁହିଁଙ୍କ ନାମ ମାଆଜ୍ ଥିଲା ମାଆଜ୍ ବିନ୍ ଅଫ୍‌ରା ଓ ମାଆଜ୍ ବିନ୍ ଉମ୍‌ରୋ ବିନ୍ ଜମୁହ୍ । *(ସହି ବୁଖାରୀ....... ହଦିସ୍ ୩୧୪୧)*

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି କି ନବୀ କରିମ୍ ସ:ଆ:ସ ବଦର ଯୁଦ୍ଧ ଦିନ କହିଲେ କି କିଏ ଯାଇ ଦେଖିଆସିବ ଯେ ଅବୁ ଜହଲ୍‌ର ଅବସ୍ଥା କଣ ହୋଇଛି ? ହଜ୍‌ରତ୍ ଇବ୍‌ନେ ମସ୍‌ଉଦ୍ ଗଲେ ଏବଂ ଯାଇ ଦେଖିଲେ କି ତାଙ୍କୁ ଅଫ୍‌ରାଙ୍କ ଦୁଇ ପୁତ୍ର ହଜ୍‌ରତ୍ ମାଆଜ୍ ଓ ହଜ୍‌ରତ୍ ମଉଜ୍ ତରବାରୀରେ ଏତେଥର ଆଘାତ ଦେଇଛନ୍ତି ଯେ ସେ ମୃତ୍ୟୁର ଖୁବ୍ ନିକଟବର୍ତୀ ହୋଇଯାଇଛି ଅର୍ଥାତ ଦରମରା ହୋଇଯାଇଛି ଓ ତାକୁ ପଚାରିଲେ କି କଣ ତୁ ଅବୁ ଜହଲ୍ ? ହଜ୍‌ରତ୍ ଇବ୍‌ନେ ମସ୍‌ଉଦ୍ କୁହନ୍ତି ମୁଁ ତାହାର ଦାଢ଼ି ଧରିନେଇଥିଲି ସେତେବେଳେ ସେ କହିଲା କଣ ମୋଠାରୁ ବଳି ବଡ଼ ଲୋକଙ୍କୁ ତୁମେ କେବେ ହତ୍ୟା କରିଛ ଅବା ଏହା କହିଲା କି ସେହିବ୍ୟକ୍ତିଠାରୁ ବଳି କେହି ଅଛନ୍ତି ଯାହାଙ୍କୁ ତାହାର ଜାତିଭାଇ ହତ୍ୟା କରିଥିବେ । ଅହ୍‌ମଦ୍ ବିନ୍ ୟୁନୁସ୍ ଏଭଳି ବର୍ଣ୍ଣନା କରିଛନ୍ତି କି ହଜ୍‌ରତ୍ ଅବ୍‌ଦୁଲା ବିନ୍ ମସ୍‌ଉଦ୍ କହିଲେ କି ତୁମେ କଣ ଅବୁ ଜହଲ୍ ? ଏହା ମଧ୍ୟ ବୁଖାରୀରେ ଦରଜ ରହିଛି । *(ସହି ବୁଖାରୀ....... ହଦିସ୍ ୩୯୬୨)*

ହଜ୍‌ରତ୍ ସୟଦ୍ ଜୈନୁଲ୍ ଆବେଦୀନ୍ ୱଲିଉଲ୍ଲାଃ ଶାହା ସାହେବ୍ ବୁଖାରୀ ଦରଜ ଥିବା ଉକ୍ତ ହଦୀସ୍‌ର ବ୍ୟାଖ୍ୟା କରି କହିଛନ୍ତି ଯେ, କେତେକ ବର୍ଣ୍ଣନା ଅନୁଯାୟୀ ଆଫ୍‌ରାର ଦୁଇ ପୁତ୍ର ମାଆଜ୍ ଓ ମଉଜ୍ ଅବୁ ଜହଲ୍‌କୁ ମାରି ମାରି ଦରମରା କରିଦେଇଥିଲେ । ସେଥି ଅନ୍ତେ ହଜ୍‌ରତ୍ ଅବ୍‌ଦୁଲା ବିନ୍ ମସ୍‌ଉଦ୍ ତାହାର ଶିର ଛେଦ କରିଥିଲେ । ଏହା ବୁଖାରୀ କିତାବୁଲ୍ ମଗାଜି ରେ ଦରଜ ରହିଛି । *(ସହୀ ବୁଖାରୀ.....)*

ଅଲାମା ଇବ୍‌ନେ ହଜର୍ ଅସ୍‌କଲାନି ଏହି ମତପ୍ରକାଶ କରିଛନ୍ତି କି ସମ୍ଭବତଃ ମାଆଜ୍ ବିନ୍

ଉମ୍‌ରୋ ଓ ମାଆଜ୍ ବିନ୍ ଅଫ୍‌ରାଙ୍କ ପରେ ମଉଜ୍ ବିନ୍ ଅଫ୍‌ରା ମଧ୍ୟ ତା ଉପରେ ଆକ୍ରମଣ କରିଥିବେ ତେବେ ବଦର୍ ଯୁଦ୍ଧ ଅବସରରେ ଅବୁ ଜହଲ୍‌ର ହତ୍ୟା ପଛରେ କିଏ କିଏ ସାମିଲ ଥିଲେ ଏଥି ସମ୍ବନ୍ଧରେ ବିସ୍ତାର ବ୍ୟାଖ୍ୟା ଗୋଟିଏ ସ୍ଥାନରେ ଏପରି ଦରଜ ରହିଛି ।

ଇବ୍‌ନେ ହୁଶାମ୍ ଅଲାମା ଇବ୍‌ନେ ଇସ୍‌ହାକ୍ ମାଧ୍ୟମରେ ବର୍ଣ୍ଣନା କରନ୍ତି ଯେ ମାଆଜ୍ ବିନ୍ ଉମରୋ ବିନ୍ ଜମୁହ୍ ଅବୁ ଜହଲ୍‌ର ଗୋଡ଼ କାଟିଦେଇଥିଲେ । ଯଦ୍ୱାରା ସେ ତଳେ ପଡ଼ିଯାଇଥିଲା ଏବଂ ଅକ୍‌ରମା ବିନ୍ ଅବୁ ଜହଲ୍ ଏହା ଦେଖି ମାଆଜ୍‌ଙ୍କ ହାତକୁ ତରବାରୀ ମାଧମରେ ପ୍ରହାର କରିଥିଲେ ଯଦ୍ୱାରା ତାଙ୍କ ଗୋଟିଏ ହସ୍ତ ବା ବାହୁ କଟିଯାଇଥିଲା । ତା'ପରେ ମଉଜ୍ ବିନ୍ ଅଫ୍‌ରା ଅବୁ ଜହଲ୍ ଉପରେ ଆକ୍ରମଣ କରିଥିଲେ ଏବଂ ତାହା ଶରୀରରେ ଜୀବନର କିଛିଟା ଅଂଶ ବାକି ରହିଥିଲା କି ହଜ୍‌ରତ୍ ଅବୁଦଲା ବିନ୍ ମସ୍‌ଉଦ୍ ତାହାର ଶୀର ଛେଦ କରିଦେଇଥିଲେ । ଯେତେବେଳେ ହଜୁର ସ:ଆ:ସ ତାଙ୍କୁ ନିହତ ଲୋକମାନଙ୍କ ମଧ୍ୟରେ ଅବୁ ଜହଲ୍‌କୁ ଖୋଜିବାକୁ ଆଦେଶ ଦେଲେ । ସହୀ ମୁସ୍‌ଲିମ୍‌ରେ ହଦୀସ ଅନୁଯାୟୀ ଅଫ୍‌ରାଙ୍କ ଦୁଇଜଣ ପୁତ୍ର ଅବୁ ଜହଲ୍ ଉପରେ ଆକ୍ରମଣ କରି ତାକୁ ନିହତ କଲେ । ଏହିପରି ବୁଖାରୀର ଅବୁ ଜହଲ୍ ଭାଗରେ ମଧ୍ୟ ଏହି କଥା ଦରଜ ରହିଛି ।

ଇମାମ୍ କୁର୍ତୁବିଙ୍କ କହିବା ଅନୁଯାୟି ଏହା ଭ୍ରମ ଧାରଣା ଯେ, ଯେ ଅଫ୍‌ରା ର ଦୁଇ ପୁତ୍ର ଅବୁ ଜହଲ୍ କୁ ହତ୍ୟା କରିଥିଲେ । ସେ କୁହନ୍ତି କେତେକ ବର୍ଣ୍ଣନା ଅନୁଯାୟୀ ମାଆଜ୍ ବିନ୍ ଉମ୍‌ରୋ ବିନ୍ ଜମୁ ଏବଂ ମାଆଜ୍ ବିନ୍ ଅଫ୍‌ରା ସକ୍ରାନ୍ତରେ ସନ୍ଦେହରେ ପଡ଼ିଯାଇଛନ୍ତି । ଅଲ୍‌ମା ଇବ୍‌ନେ ଜୁଜି କୁହନ୍ତି ମାଆଜ୍ ବିନ୍ ଜମୁ ଅଫ୍‌ରାଙ୍କ ସନ୍ତାନମାନଙ୍କ ମଧ୍ୟରୁ ନୁହନ୍ତି ଏବଂ ମାଆଜ୍ ବିନ୍ ଅଫ୍‌ରା ଅବୁ ଜହଲ୍‌କୁ ହତ୍ୟାକାରୀଙ୍କ ମଧ୍ୟରେ ସାମିଲ ଥିଲେ । ସମ୍ଭବତଃ ମାଆଜ୍ ବିନ୍ ଅଫ୍‌ରାଙ୍କର କୌଣସି ଭାଇ ଅବା ଚଚା ସେଠାରେ ଉପସ୍ଥିତ ଥିଲେ ଅବା ବର୍ଣ୍ଣନାରେ ଅଫ୍‌ରାଙ୍କ କୌଣସି ପୁତ୍ରର ଚର୍ଚ୍ଚା ରହିଯାଇଛି । ଯଦ୍ୱାରା ବର୍ଣ୍ଣନାକାରୀ ଭୁଲ୍‌ବସତଃ ଅଫ୍‌ରାଙ୍କ ଦୁଇ ପୁତ୍ର କହିଦେଇଥିବେ । ସେ ଯାହା ହେଉ ଅବୁ ଉମର୍ କୁହନ୍ତି ସେ ହିଁ ବର୍ଣ୍ଣନା ସମ୍ବନ୍ଧରେ ହଜ୍‌ରତ୍ ଅନସ୍ ବିନ୍ ମାଲିଙ୍କର ହଦିସ ଯଥେଷ୍ଟ ସଠିକ୍ ଯେଉଁଥରେ ଦରଜ ରହିଛି କି ଇବ୍‌ନେ ଅଫ୍‌ରା ଅବୁ ଜହଲ୍‌କୁ ହତ୍ୟା କରିଥିଲେ । ଇବ୍‌ନେ ତୟମ୍ କୁହନ୍ତି ଯେ ଏଥି ସଂକ୍ରାନ୍ତରେ ସନ୍ଦେହରେ ପଡ଼ିବା ସ୍ୱାଭାବିକ କାରଣ ଉଭୟ ମାଆଜ୍ ବିନ୍ ଉମ୍‌ରୋ ବିନ୍ ଜମୁ ଓ ମାଆଜ୍ ବିନ୍ ଅଫ୍‌ରା ଗୋଟିଏ ମାଆର ଦୁଇ ସନ୍ତାନ ଅବା ଉଭୟ ରଜାଇ ଭାଇ ଯାହାଙ୍କୁ ଜଣେ ମହିଳା କ୍ଷୀରପାନ କରାଇଥିଲେ । ଅଲ୍ଲାମା ଦାଉଦି ଅଫ୍‌ରାଙ୍କ ଦୁଇ ପୁତ୍ରଙ୍କ ଅର୍ଥରେ ସହଲ୍ ଓ ସୁହେଲ୍‌ଙ୍କୁ ହିଁ ମଣିଛନ୍ତି ଏବଂ କୁହାଯାଏ ଯେ ସେ ଦୁହେଁ ମଉଜ୍ ଓ ମାଆଜ୍ ଅଟନ୍ତି । *(ଉମ୍‌ଦତୁଲ୍‌କାରୀ ଖଣ୍ଡ-୧୫, ପୃ-୧୦୦-୧୦୧ ମୁଦ୍ରଣ ଦାରୁଲ୍ ଫିକର୍ ବେରୁତ)*

ସେ ଯାହା ହେଉ ଏହା ବର୍ଣ୍ଣନା ରହିଛି କି ଅବୁ ଜହଲ୍‌କୁ ତିନିଜଣ ହତ୍ୟା କରିଥିଲେ ଆଉ କେତେକ ପୁସ୍ତକରେ ଦୁଇଜଣ ଓ ହଜ୍‌ରତ୍ ମାଆଜ୍ ବିନ୍ ହାରିସ୍‌ଙ୍କର ବର୍ଣ୍ଣନା ମଧ୍ୟ ଉଲ୍ଲେଖ ରହିଛି ।

ହଜ୍‌ରତ୍ ସାହେବଜାଦା ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ବଦର୍ ଯୁଦ୍ଧର ଯେଉଁ ନକ୍ସା ଟାଣିଛନ୍ତି ଯେଉଁଥିରେ ଆପଣ ଅବୁ ଜହଲ୍ ହତ୍ୟାହେବାର ଘଟଣା ଉଲ୍ଲେଖ କରିଛନ୍ତି । ତାହା ଏପରି କି ରଣଭୁମି ରକ୍ତରଞ୍ଜିତ ଥିଲା ମୁସଲମାନମାନଙ୍କୁ ଯମାତ୍ ସମ୍ମୁଖରେ ତାଙ୍କ ସଂଖ୍ୟାଠାରୁ ତିନିଗୁଣ ଅଧିକ ସଂଖ୍ୟକ ଶତୃ ଯୁଦ୍ଧ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ ଏହି ଦୃଢ଼ ସଂକଳ୍ପ ନେଇ ରଣକ୍ଷେତ୍ରରେ ବାହାରି ପଡ଼ିଥିଲା କି ଇସ୍‌ଲାମ୍‌ର ମୁଳପ୍ରାଟନ କରିଦେବୁ । ଅପରପକ୍ଷେରେ ନୀରିହ ମୁସଲମାନମାନଙ୍କ ସଂଖ୍ୟା ନା ଅଧିକା ଥିଲା ନା ସେମାନଙ୍କ ନିକଟରେ ଯୁଦ୍ଧାସ୍ତ୍ର ଥିଲା । ଅଭାବଗ୍ରସ୍ତ ଓ ଦେଶ ବିତାଡ଼ିତର କଷ୍ଟ ସହ୍ୟ କରିଥିବା ସେହି ନିରୁପାୟ ଲୋକେ ମକ୍କାର ଅଧିବାସୀଙ୍କ ନିକଟରେ କିଛି କ୍ଷଣର ଶିକାର ମାତ୍ର ଥିଲେ କିନ୍ତୁ ଏକେଶ୍ୱରବାଦ ଓ ରସୁଲ୍‌ଙ୍କ ପ୍ରତି ପ୍ରେମ ସେମାନଙ୍କୁ ମତୁଆଲା କରିଦେଉଥିଲା ଏବଂ ସେହି ଜିନିଷ ଯାହାଠାରୁ ସମଗ୍ର ସଂସାରରେ ଅନ୍ୟ କୌଣସି ବସ୍ତୁ ଅଧିକ ଶକ୍ତିଶାଳୀ ନଥିଲା ଅର୍ଥାତ ଜୀବନ୍ତ ବିଶ୍ୱାସ ସେମାନଙ୍କ ଅନ୍ତରରେ ଏକ ଅଦୃଶ୍ୟ ଶକ୍ତି ସଂଚାଳନ କରିଦେଇଥିଲା । ସେମାନେ ଉକ୍ତ ରଣକ୍ଷେତ୍ରରେ ଧର୍ମ ସେବାର ଏଭଳି ଭିନ୍ନ ନମୁନା ପଦର୍ଶନ କରୁଥିଲେ ଯାହାର ଉଦାହରଣ ଇତିହାସ ପୃଷ୍ଠାରେ କୌଣସିଠାରେ ଦେଖିବାକୁ ମିଳୁନାହିଁ । ପ୍ରତ୍ୟେକ ବ୍ୟକ୍ତି ନିଜ ସାଥିଠାରୁ ଆଗକୁ ବଢ଼ିଯିବାକୁ ଚେଷ୍ଟା କରୁଥିଲା ଏବଂ ପ୍ରଭୁଙ୍କ ଛାମୁରେ ନିଜ ପ୍ରାଣର ଆହୁତି ଦେବାପାଇଁ ଉତ୍କଣ୍ଠିତ ଥିଲା ।

ହମ୍‌ଜାଃ ର:ଅ, ଅଲୀ ର:ଅ ଏବଂ ଜୁବୈର୍ ର:ଅ ଶତୃର ଧାଡ଼ିଗୁଡ଼ିକ କାଟି ଛିନ୍ନଭିନ୍ନ କରିଦେଇଥିଲେ । ଅନ୍‌ସାରମାନଙ୍କ ନିଷ୍ଠାପର ଆବେଗପୂର୍ଣ୍ଣ ଆଚରଣ ଏଭଳି ଥିଲା ଯେ ଅବଦୁର୍ ରହ୍‌ମାନ ବିନ୍ ଅଓଫ୍ ବର୍ଣ୍ଣନା କରନ୍ତି । ଯେତେବେଳେ ଯୁଦ୍ଧ ଆରମ୍ଭ ହେଲା ମୁଁ ନିଜ ବାମ ଓ ଦକ୍ଷିଣପାର୍ଶ୍ୱ ଆଡ଼କୁ ନଜର କଲି ସେତେବେଳେ ମୁଁ ଦେଖିଲି ଦୁଇଜଣ ଅନ୍‌ସାରୀ ଯୁବକ ମୋ ଦୁଇ ପାର୍ଶ୍ୱରେ ଛିଡ଼ା ହୋଇଛନ୍ତି । ସେମାନଙ୍କୁ ଦେଖି ମୋ ହୃଦୟ ନିରାସା ହୋଇ ବସିଗଲା । କାରଣ ଯୁଦ୍ଧ ନିକଟରେ ଥିବା ସାଥିଙ୍କୁ ଦେଖି ଜଣେ ବେଶ୍ ଦମ୍ଭ ପାଇଥାଏ ଏବଂ ସେହି ବ୍ୟକ୍ତି ବେଶ୍ ଭଲଭାବରେ ଲଢ଼ିଥାଏ ଯାହାର ଆଖପାଖ ସୁରକ୍ଷିତ ଥାଏ । କିନ୍ତୁ ସେ କୁହନ୍ତି ମୁଁ ଏହି ଚିନ୍ତନରେ ଥିଲି ଯେ ସେମାନଙ୍କ ମଧ୍ୟରୁ ଜଣେ ମତେ ପଚାରିଲା ଯେପରି କି ସେ ନିଜ କଥାକୁ ଅନ୍ୟଠାରୁ ମାନେ ନିଜ ସାଥିଠାରୁ ଗୋପନରେ ରଖିବାକୁ ଚାହୁଁ ଅଛି । ଚଚା ଅବୁ ଜହଲ୍ କେଉଁଠାରେ ଅଛି ? ସେ ମକ୍କାରେ ହଜୁର ସ:ଆ:ସଙ୍କ ଉପରେ ଅତ୍ୟାଚାର କରୁଥିଲା, ମୁଁ ପରମେଶ୍ୱରଙ୍କଠାରେ ଶପଥ କରିଛି କି ତାହାକୁ ନିହତ କରିବି ଅବା ଏହି ପ୍ରୟାସରେ ଶହୀଦ ହେବି । ବର୍ତମାନ ମୁଁ ତାହାର ଉତର ଦେଇନଥିଲି କି ଅନ୍ୟ ପାର୍ଶ୍ୱରୁ ସେହି ସମାନ୍ ପ୍ରକାରର ପ୍ରଶ୍ନ ଅନ୍ୟ ବାଳକ ଜଣେ କଲେ । ମୁଁ ସେହି ଦୁଇଣଙ୍କର ସାହାସ ଦେଖି ଆର୍ଶ୍ଚର୍ଯ୍ୟ ଚକିତ ହେଲି କାରଣ ଅବୁ ଜହଲ୍ ଶତୃପକ୍ଷର ସର୍ଦ୍ଦାର ଓ ସେନାଧକ୍ଷ ଥିଲା । ତାହା ଚତୁଃପାର୍ଶ୍ୱରେ ଦକ୍ଷ ଓ ପ୍ରବୀଣ ବୀର ଯୋଦ୍ଧା ଜମାହୋଇ ରହିଥିଲେ । ମୁଁ ହାତ ଉଠାଇ ଇସାରା କଲି ଯେ, ସେହି ବ୍ୟକ୍ତି ଜଣଙ୍କ ହେଉଛି ଅବୁଜହଲ୍ ।

ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ କୁହନ୍ତି ମୋର ଇସାରା କରିବାର ବିଳମ୍ୱ ଥିଲା କି ସେ ଦୁହେଁ ଚିଲ ପରି ଝମ୍ପି ପଡ଼ିଲେ ଏବଂ ଶତୃର ଧାଡ଼ିଗୁଡ଼ିକୁ ବିଭକ୍ତ କରି ନିମିଷକେ ଯାଇ ସେଠାରେ ପହଂଚିଗଲେ ଏବଂ ଏଭଳି ହଠାତ୍ ଓ ଉଗ୍ରତାର ସହ ଆକ୍ରମଣ କଲେ କି ଅବୁ ଜହଲ୍ ଓ ତାହାର ସାଥିମାନେ ସ୍ତମ୍ଭିଭୁତ ହୋଇଗଲେ ଏବଂ ଅବୁ ଜହଲ୍ ଭୁପୃଷ୍ଠରେ ପଡ଼ିରହିଥିଲା ।

ଅକ୍‌ରମା ବିନ୍ ଅବୁ ଜହଲ୍ ମଧ୍ୟ ନିଜ ପିତା ସହିତ ଯୁଦ୍ଧରେ ସାମିଲ ଥିଲା କିନ୍ତୁ ସେ ନିଜ ପିତାର ରକ୍ଷା କରିପାରିଲା ନାହିଁ ହଁ ସେ ମାଆଜ୍‌କୁ ପଛପଟୁ ଆକ୍ରମଣ କରି ତାହାର ବାମହସ୍ତକୁ ତରବାରୀ ଦ୍ୱାରା ପ୍ରହାର କରିଥିଲା ଯଦ୍ୱାରା ତାହା କଟିଯାଇ ଲଟକି ପଡ଼ିଥିଲା । ତଥାପି ମାଆଜ୍ ଆକ୍ରମଣକାରୀର ପିଛା କଲେ କିନ୍ତୁ ସେ ଖସି ପଳାଇଗଲା । ଯେହେତୁ ଓହଳି ରହିଥିବା ବାହୁ ଯୁଦ୍ଧ କରିବାରେ ବାଧକ ସାଜୁଥିଲା ତେଣୁ ହଜ୍‌ରତ୍ ମାଆଜ୍ ଖୁବ୍ ଜୋର୍‌ରେ ବାହୁକୁ ଟାଣି ନିଜ ଶରିରରୁ ଅଲଗା କରିଦେଲେ ଏବଂ ଲଢ଼ିବାରେ ଲାଗିଲେ । *(ସିରତ୍ ଖାତ୍‌ମୁ ନବିୟିନ୍ ଲେଖକ ହଜ୍ରତ୍ ସାହାବ୍‌ଜାଦା ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ଏମ୍.ଏ ପୃ-୩୬୨)*

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ଉକ୍ତ ଘଟଣାକୁ ଏଭଳି ଉଲ୍ଲେଖ କରିଛନ୍ତି ଯେ, ଅବୁ ଜହଲ୍ ଜନ୍ମ ହେବାର ଏକ ସପ୍ତାହ ପର୍ଯ୍ୟନ୍ତ ତାଙ୍କ ଘରର ଲୋକମାନେ ଓଟମାନଙ୍କୁ ବଳି ଦେଇ ଲୋକମାନଙ୍କୁ ମାଂସ ବଂଟନ କରୁଥିଲେ । ଏବଂ ମକ୍କାରେ ଢ଼ୋଲ ଓ ବାଦକର ସ୍ୱର ଗୁଞ୍ଜରିତ ହୋଇଉଠୁଥିଲା ଓ ଆନନ୍ଦ ଉତ୍ସବ ପାଳନ କରାଯାଉଥିଲା । ପୁନଶ୍ଚ ଆପଣ ଉଲ୍ଲେଖ କରିଛନ୍ତି ବଦର୍ ଯୁଦ୍ଧରେ ଅନ୍‌ସାରର ଦୁଇ ବାଳକ ତାହାକୁ କ୍ଷତବିକ୍ଷତ କଲେ । ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ମସ୍‌ଉଦ୍ ବର୍ଣ୍ଣନା କରନ୍ତି ଯୁଦ୍ଧ ସମାପ୍ତ ହେବାପରେ ଯେତେବେଳେ ଲୋକେ ପତ୍ୟାବର୍ତନ କରୁଥିଲେ ସେତେବେଳେ ମୁଁ କ୍ଷତାକ୍ତ ଲୋକଙ୍କ ଖବର ନେବାପାଇଁ ଚାଲିଗଲି ଯେହେତୁ ଆପଣ ର:ଅ ମକ୍କାବାସୀ ଥିଲେ ଏବଂ ଅବୁ ଜହଲ୍ ଆପଣଙ୍କୁ ଭଲଭାବରେ ଚିହ୍ନିଥିଲା । ରଣଭୁମିରେ ଅବୁ ଜହଲ୍ କ୍ଷତବିକ୍ଷତ ଅବସ୍ଥାରେ ପଡ଼ିରହିଥିଲା ଏବଂ ଯନ୍ତ୍ରଣାରେ ଛଟପଟ ହେଉଥିଲା । ଯେତେବେଳେ ମୁଁ ତାହା ନିକଟରେ ପଂହଚିଲି ସେତେବେଳେ ସେ ମତେ ଦେଖି କହିଲା ମୁଁ ଆଉ ବଂଚିବି ନାହିଁ । ମୋର ପୀଡ଼ା ବଢ଼ିଚାଲିଛି ତୁମେ ମକ୍କାବାସୀ ମୋର ମନସ୍କାମନା ପୂରଣ କର ମତେ ଜୀବନରୁ ମାରିଦିଅ ଯଦ୍ୱାରା ମୁଁ ଏହି କଷ୍ଟରୁ ମୁକ୍ତି ପାଇଯିବି କିନ୍ତୁ ତୁମେ ଜାଣ ମୁଁ ଆରବର ସର୍ଦ୍ଦାର ଓ ଆରବରେ ଏହି ପ୍ରଥା ପ୍ରଚଳିତ ଯେ ସର୍ଦ୍ଦାରମାନଙ୍କର ବେକ ଲମ୍ୱା ରଖି ଛେଦନ କରାଯାଇଥାଏ ଏବଂ ଏହା ତାହାର ସର୍ଦ୍ଦାର ହେବାର ଦୃଷ୍ଟାନ୍ତ । ତେଣୁ ମୋର ଏହି ଶେଷ ଅଭିଳାଷା ପୁରଣ କରିଦିଅ ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ମସ୍‌ଉଦ୍ କୁହନ୍ତି ମୁଁ ତାହାର ବେକ ଛୋଟ କରି ଛେଦ କଲି ଏବଂ କହିଲି ତୁମ ଅନ୍ତିମ ମନସ୍କାମନା ମଧ୍ୟ ପୁରଣ କରାଯିବ ନାହିଁ । ତେବେ ଦେଖ ଅବୁ ଜହଲ୍‌ର ଶେଷ ପରିଣିତ କିଭଳି ନିର୍ଲଜ ପୁର୍ଣ୍ଣ ଥିଲା । ଯାହାର ବେକ ତାହାର ସାରା ଜୀବନ ଉଚ୍ଚା ରହିଥିଲା ଶେଷ ସମୟରେ ତାହା ଛୋଟ କରି କଟାଗଲା ଏବଂ ତାହାର ଶେଷ ମନସ୍କାମନା ମଧ୍ୟ ପୁରଣ କରାଗଲା ନାହିଁ । *(ତଫ୍‌ସୀରେ କବୀର୍ ଖଣ୍ଡ-୭, ପୃ-୧୦୧)*

ହଜ୍‌ରତ୍ ହଜ୍‌ରତ୍ ରୁବୈୟା ବିନ୍‌ତେ ମୁଓ୍ୱଇଜ୍ ବର୍ଣ୍ଣନା କରନ୍ତି ମୋର ଚଚା ହଜ୍‌ରତ୍ ମାଆଜ୍ ବିନ୍ ଅଫ୍‌ରା ମତେ କିଛି ତଟକା ଖଜୁର ଦେଇ କହିଲେ ଏହାକୁ ହଜୁର ସ:ଆ:ସଙ୍କ ସେବାରେ ଭେଟ ଦେଇ ଆସ । ଏହାର ପ୍ରତିବଦଳରେ ହଜୁର ସ:ଆ:ସ ମତେ ସେହି ଗହଣାଗାଣ୍ଠି ଗୁଡ଼ିକ ପ୍ରଦାନ କଲେ ଯାହାକି ବାହାରିନ୍‌ର ହାକିମ୍ ଆପଣ ସ:ଆ:ସଙ୍କ ନିକଟକୁ ଉପହାର ସ୍ୱରୁପ ପ୍ରେରଣ କରିଥିଲେ । ଆଉ ଏକ ରିଓ୍ୱାୟତ ଅନୁଯାୟୀ ହଜ୍‌ରତ୍ ରୁବୈୟା ବିନ୍‌ତେ ମୁଓ୍ୱଇଜ୍ ବର୍ଣ୍ଣନା କରନ୍ତି କି ମୋ ଚାଚା ମୋ ହାତରେ ଏକ ଉପହାର ହଜୁର ସ:ଆ:ସଙ୍କ ନିକଟକୁ ପ୍ରେରଣ କଲେ । ଏଥିରେ ହଜୁର ସ:ଆ:ସ ତାଙ୍କ ପାଇଁ କିଛି ଗହଣାଗାଣ୍ଠି ପ୍ରଦାନ କଲେ ଯାହାକି ବାହାରିନ୍‌ର ହାକିମ୍ ତରଫରୁ ଆପଣ ସ:ଆ:ସଙ୍କୁ ହସ୍ତଗତ ହୋଇଥିଲା ।

ଅଲ୍‌ମା ଇବ୍‌ନେ ଅସିର୍ ଉଲ୍ଲେଖ କରିଛନ୍ତି ଯେ ବାହାରିନ୍‌ର ହାକିମ୍ ଓ ଅନ୍ୟାନ୍ୟ ରାଜା ମହାରାଜାମାନେ ହଜୁର ସ:ଆ:ସଙ୍କ ନିକଟକୁ ଅନେକ ଉପହାର ପ୍ରେରଣ କରିଥିଲେ ଯେତେବେଳେ ଇସ୍‌ଲାମ୍ ସଂସାରରେ ପରିବ୍ୟାପ୍ତ ହେଲା ଏବଂ ଆପଣ ରାଜା ଓ ମହାରାଜା ମାନଙ୍କୁ ପତ୍ର ଲେଖିଲେ ଓ ଉପହାର ପ୍ରେରଣ କଲେ ସେତେବେଳେ ସେମାନେ ମଧ୍ୟ ଆପଣଙ୍କ ସେବାରେ ଉତର ଓ ଉପହାର ପ୍ରେରଣ କରୁଥିଲେ । *(ଉସଦୁଲ୍ ଗାବାଃ ଖଣ୍ଡ-୫, ପୃ-୧୯୨........ବେରୁତ ୨୦୦୩)*

ହଜ୍‌ରତ୍ ମାଆଜ୍ ବିନ୍ ହାରିସ୍ ଚାରୋଟି ବିବାହ କରିଥିଲେ ଏବଂ ତାଙ୍କ ପତ୍ନୀମାନେ ଯଥାକ୍ରମେ ଏପରି ଥିଲେ, ପ୍ରଥମେ ଥିଲେ ହବିବା ବିନ୍‌ତେ କୈସ୍ ଯାହାଙ୍କ ଔରଷରୁ ଅବଦୁଲ୍ଲାଃ ଜନ୍ମଗ୍ରହଣ କରିଥିଲେ । ଦ୍ୱିତୀୟ ପତ୍ନୀଥିଲେ ଉମେ ହାରିସ୍ ବିନ୍ ସବ୍‌ରା ଯାହାଙ୍କ ଔରଷରୁ ହାରିସ୍, ଅଓଫ୍, ସଲ୍‌ମା ଏବଂ ଉମ୍ମେ ଅବୁଦଲ୍ଲାଃ ଓ ରମ୍‌ଲା ଜନ୍ମଗ୍ରହଣ କରିଥିଲେ । ତୃତୀୟ ପତ୍ନୀ ଉମେ ଅବ୍‌ଦୁଲ୍ଲାଃ ବିନ୍‌ତେ ନମିର୍ ଥିଲେ ତାଙ୍କ ଔରଷରୁ ଇବ୍ରାହିମ୍ ଓ ଆଇଶା ଜନ୍ମଗ୍ରହଣ କରିଥିଲେ । ଚତୁର୍ଥ ପତ୍ନୀ ଥିଲେ ଉମେ ସାବିତ୍ ରମ୍‌ଲା ବିନ୍‌ତେ ହାରିସ୍ ତାଙ୍କ ଔରଷରୁ ସାରା ଜନ୍ମଗ୍ରହଣ କରିଥିଲେ । *(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୩୭୩-୩୭୪....... ବେରୁତ ୧୯୯୦)*

ଅଲାମାଃ ଇବ୍‌ନେ ଅସିର୍ ନିଜର ପୁସ୍ତକ ଉସଦୁଲ୍ ଗାବାଃରେ ହଜ୍‌ରତ୍ ମାଆଜ୍‌ଙ୍କ ଦେହାନ୍ତ ପରିପ୍ରେକ୍ଷୀରେ ଅନେକ କଥା ଦରଜ କରିଛନ୍ତି । ଗୋଟିଏ କଥନ ଅନୁଯାୟୀ ହଜ୍‌ରତ୍ ମାଆଜ୍ ର:ଅ ବଦର୍ ଯୁଦ୍ଧରେ କ୍ଷତାକ୍ତ ଅବସ୍ଥାରେ ମଦିନା ଫେରିଥିଲେ କିନ୍ତୁ ସେହି ଅବସ୍ଥାରୁ ଉଧାର ନପାଇ ଦେହ ତ୍ୟାଗ କରିଥିଲେ ଆଉ ଏକ କଥନ ଅନୁଯାୟୀ ସେ ଉସ୍‌ମାନ ର:ଅଙ୍କ ଖିଲାଫତ୍ ସମୟକାଳ ପର୍ଯ୍ୟନ୍ତ ଜୀବିତ ଥିଲେ । ପୁନଶ୍ଚ ଆଉ ଏକ କଥନ ଅନୁଯାୟୀ ହଜ୍‌ରତ୍ ଅଲୀ ର:ଅଙ୍କ ସମୟକାଳ ପର୍ଯ୍ୟନ୍ତ ସେ ଜୀବିତ ଥିଲେ ଏବଂ ହଜ୍‌ରତ୍ ଅଲୀ ଓ ଅମୀର ମାଓ୍ୱିୟା ମଧ୍ୟରେ ଯେଉଁ ଯୁଦ୍ଧ ଅର୍ଥାତ ସଫିନ୍ ଯୁଦ୍ଧ ଘଟିଥିଲା ତାହା ୩୬ ଏବଂ ୩୭ ହିଜ୍‌ରୀରେ ହୋଇଥିଲା ସେ ସେତେବେଳେ ହଜ୍‌ରତ୍ ଅଲୀଙ୍କ ପକ୍ଷରେ ରହି ଯୁଦ୍ଧ ଲଢ଼ିଥିଲେ । *(ଉସଦୁଲ୍ ଗାବାଃ ଖଣ୍ଡ-୬, ପୃ-୧୯୧........ବେରୁତ ୨୦୦୩)* *(ଅଲ୍‌ଇସ୍‌ତିୟାବ୍........ ଖଣ୍ଡ-୩, ପୃ- ୧୪୦୯-୧୪୧୦....... ବେରୁତ)*

ସେ ଯାହା ହେଉ ତାଙ୍କ ଦେହାନ୍ତ ସମ୍ପର୍କରେ ଭିନ୍ନ ମତ ରହିଛି ଜଣାଯାଉଛି ଯେ ସେ ଦୀର୍ଘ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ଜୀବନ ଲାଭ କରିବାର କାରଣ ଯେଉଁଭଳି ତାଙ୍କ ପତ୍ନୀ ଓ ପିଲାଛୁଆ ଅଧିକ ସଂଖ୍ୟାରେ ଥିଲେ ସେଥିରୁ ଏହା ପ୍ରମାଣିତ ହେଉଛି ଯେ, ସେ ଦୀର୍ଘ ଜୀବନ ଲାଭ କରିଥିଲେ ।

ବର୍ତମାନ ଉକ୍ତ ସାହାବାଙ୍କ ଚର୍ଚ୍ଚା କରିବାପାରେ ଶ୍ରୀମାନ୍ ରାଣା ନଇମୁଦିନ୍ ସାହେବ୍ ପିତା ଶ୍ରୀମାନ୍ ଫିରୋଜଦିନ୍ ସାହେବ ଏପ୍ରିଲ୍ ମାସ ୯ ତାରିଖରେ ଦେହ ତ୍ୟାଗ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* ତାଙ୍କ ଗୁଣାବଳୀର ଚର୍ଚ୍ଚା କରିବି । ସେ ଦୀର୍ଘ ସମୟ ହେଲା ପୀଡ଼ିତ ଥିଲେ ବିଭିନ୍ନ ରୋଗରେ ଏବଂ ଯେତେବେଳେ ଚିକିତ୍ସାଳୟ ଯାଆନ୍ତି ଡ଼ାକ୍ତର ତାଙ୍କୁ ଦେଖି କୁହନ୍ତି ବର୍ତମାନ ଆପଣଙ୍କର ଶେଷ ସମୟ ଆସିଯାଇଛି ଓ ଅଲ୍ଲାଃ ତାଲା ତାଙ୍କ ଉପେର ନିଜର ଆଶିଷ ଅବତୀର୍ଣ୍ଣ କରିଦିଅନ୍ତି ଏବଂ ସେ ସୁସ୍ଥ ହୋଇ ଘରକୁ ଫେରିଆସନ୍ତି । ଯେତେବେଳେ ଚଳପ୍ରଚଳ ପାଇଁ ସକ୍ଷମ ହୁଅନ୍ତି ସେତେବେଳେ ସଙ୍ଗେ ସଙ୍ଗେ ମସ୍‌ଜିଦ୍ ଚାଲିଆସନ୍ତି । ସେ ଯାହା ହେଉ ଏହି ଶେଷଥରକ ସେ ମୃତ୍ୟୁକୁ ଜିଣିପାରିଲେ ନାହିଁ ଏବଂ ତାଙ୍କର କାଳ ହେଲା । କାଗଜପତ୍ର ଅନୁଯାୟୀ ତାଙ୍କର ଜନ୍ମ ୧୯୩୪ ମସିହାରେ ହୋଇଥିଲା । କିନ୍ତୁ କେତେକ କୁହନ୍ତି ତାଙ୍କର ଜନ୍ମ ୧୯୩୦ ବା ୧୯୩୨ ମସିହାରେ ହୋଇଥିଲା ବୋଲି । ସେ ଯାହା ହେଉ ଦସ୍ତାବେଜ ଅନୁଯାୟୀ ସେ ୮୬ ବର୍ଷର ଦୀର୍ଘ ଜୀବନ ଲାଭ କରିଥିଲେ । ତାଙ୍କ ବଂଶରେ ଅହେମଦୀୟତ ତାଙ୍କ ପିତା ଶ୍ରୀମାନ ଫିରୋଜଦିନ୍ ସାହେବଙ୍କ ମାଧ୍ୟମରେ ଆସିଥିଲା । ସେ ୧୯୦୬ ମସିହାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପତ୍ର ଲେଖି ବୟତ କରିଥିଲେ । ଭାରତ, ପାକିସ୍ତାନ ବିଭାଜନ ସମୟରେ ସପରିବାର ସହ ଲାହୋରରେ ବସତି ସ୍ଥାପନ କରିଥିଲେ କିନ୍ତୁ ୧୯୪୮ ମସିହାରେ ରାଣା ସାହେବ ରବଓ୍ୱା ଚାଲିଆସିଥିଲେ ତା'ପରେ ସେ ନିଜକୁ ଫୁର୍‌କାନ୍ ବାଟାଲିୟନ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ଫୁର୍‌କାନ୍ ବାଟାଲିୟନ ପରେ ରାଣା ସାହେବଙ୍କୁ ଦ୍ୱିତୀୟ ଖଲିଫା ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମେହମୁଦ୍ ଅହମଦ୍ ସାହେବ ମୀର୍‌ପୁର ଖାସ୍ ନିକଟରେ ଥିବା ଜମିର ରକ୍ଷଣାବେକ୍ଷଣ ନିମନ୍ତେ ନିୟୋଜିତ କରିଥିଲେ । ସେଠାରେ ସେ କିଛି ବର୍ଷ ମୁତୟନ ରହିଥିଲେ ଏବଂ ୧୯୫୧ ମସିହାରେ ଓ୍ୱସିୟତ୍ ବ୍ୟବସ୍ଥାରେ ସାମିଲ ହୋଇଥଲେ । ତାଙ୍କ ପତ୍ନୀଙ୍କ ନାମ ସାରା ପରବିନ୍ ଥିଲା । ସେ ଦୌଲତ୍‌ଖାନ୍ ସାହାବି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ନାତୁଣୀ ଥିଲେ । କାର୍ଯ୍ୟାଳୟର ଦସ୍ତାବେଜ ଅନୁଯାୟୀ ସେ ୧୯୫୪ ମସିହା ଅଗଷ୍ଟ ମାସ ୩ ତାରିଖ ଦିନ ରିଜର୍ଭ ଅନ୍ ଡ୍ୟୁଟିରେ ଯୋଗ ଦେଇଥିଲେ ତା'ପରେ ନଭେମ୍ବର ୧୯୫୫ ରୁ ୧୧ ମଇ ୧୯୫୯ ମସିହା ପର୍ଯ୍ୟନ୍ତ ଯମାତ୍‌ର ବିଶେଷ ସୁରକ୍ଷା ବଳରେ ଅଙ୍ଗରଖୀ ଭାବରେ ମୁତୟନ ଥିଲେ । ଯେତେବେଳେ ଦ୍ୱିତୀୟ ଖଲିଫା ତଫ୍‌ସିର୍ ଲେଖିବା ପାଇଁ ନଖ୍‌ଲା ଓ ଜାବା ଚାଲିଯାଆନ୍ତି ସେତେବେଳେ ସେ ତାଙ୍କୁ ମଧ୍ୟ ସାଥିରେ ନେଇଯାଆନ୍ତି ଏବଂ କାହିଁ କେତେ ମାସ ସେଠାରେ ଅବସ୍ଥାନ କରିଥାନ୍ତି । ସେଠାରେ ବିଦ୍ୟୁତ ନଥିଲା ଜେନେରେଟର୍ ରେ ଡ଼ିଜେଲ ଭରି କାର୍ଯ୍ୟ କରାଯାଉଥିଲା ଏବଂ ଏ ସବୁ କାର୍ଯ୍ୟ ସେ ନିର୍ବାହ କରୁଥିଲେ ।

ଓ୍ୱସିୟତ୍ କାର୍ଯ୍ୟଳୟ ଅନୁଯାୟୀ ସେ ୧୯୭୮ ମସିହାରେ ଅଙ୍ଗରକ୍ଷୀ ଦାୟିତ୍ୱରୁ ଅବସର ନେଲେ ଏବଂ ଜିଲ୍ଲା ସାହିଓ୍ୱାଲ୍ ଚାଲିଯାଇଥିଲେ । ସେଠାରେ ମସ୍‌ଜିଦ୍‌ର ସେବକ ଭାବେ ସେବା ସମ୍ପାଦନ କରୁଥିଲେ ଏତିକି ବେଳେ ଅର୍ଥାତ ୧୯୮୪ ମସିହାରେ ବିରୋଧିମାନେ ସାହିଓ୍ୱାଲ୍ ଅହେମଦୀୟା ବଇତୁସ୍ ଜିକର୍ ଉପରେ ଆକ୍ରମଣ କରିଥିଲେ । ସେତେବେଳେ ସେ ସୁରକ୍ଷା ଦାୟିତ୍ୱରେ ଥିଲେ ତେଣୁ ସେ ପାଲଟା ଜବାବ ଦେଇଥିଲେ କିନ୍ତୁ ପ୍ରଶାସନ ରାଣା ସାହେବ ଓ ତାଙ୍କ ୧୧ ଜଣ ସାଥିଙ୍କ ଉପରେ ମୋକଦ୍ଦମା କରିଥିଲେ ଏବଂ ୨୬ ଅକ୍ଟୋବର ୧୯୮୪ ମସିହାରୁ ମାର୍ଚ୍ଚ ମାସ ୧୯୯୪ ପର୍ଯ୍ୟନ୍ତ ଦୀର୍ଘ ୧୦ବର୍ଷ କାଳ ତାଙ୍କୁ କାରା ବରଣ କରିବାକୁ ପଡ଼ିଥିଲା ।

ପୋଲିସ ଏହି ଆକ୍ରମଣ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତେ ଆମର ୧୧ଜଣ ଅହେମଦୀମାନଙ୍କ ବିରୋଧରେ ମିଥ୍ୟା ମୋକଦ୍ଦମା କରି ଏମାନଙ୍କୁ ଦଣ୍ଡ ବିଧାନ କରିଥିଲା । ଏହି କେସ୍‌କୁ ମିଲିଟାରୀ କୋର୍ଟକୁ ରେଫର୍ କରାଯାଇଥିଲା ତାହା ଜିୟାଉଲ୍ ହକ୍ ସମୟରେ ଏକ ବିଶେଷ ଅଦାଲତ ଥିଲା । ଉକ୍ତ କେସ୍‌ର ନିୟମିତ ଶୁଣାଣି ଏକ ଅଦାଲତରେ ୧୯୮୫ ମସିହା ଫେବୃୟାରୀ ମାସ ୧୬ ତାରିଖଠାରୁ ଆରମ୍ଭ କରି ୧୯୮୫ ମସିହା ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏହି କେସ୍‌ରେ ପ୍ରଥମେ ମୋଟ ୧୧ଜଣ ବ୍ୟକ୍ତି ଗିରଫ ହୋଇଥିଲେ କିନ୍ତୁ ପରେ ସାତ ଜଣ ବ୍ୟକ୍ତି ତହିଁରେ ରାଣା ନଇମୁଦ୍ଦିନ୍ ସାହେବ ମଧ୍ୟ ସାମିଲ ଥିଲେ । ତାଙ୍କର ବିଚାରକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସ୍ଥଗିତ କରିଦିଆଯାଇଥିଲା । ସେମାନଙ୍କ ମଧ୍ୟରୁ ଦୁଇଜଣ ବିଦେଶକୁ ଚାଲିଗଲେ ଅନ୍ୟ ଦୁଇଜଣ ନିର୍ଦ୍ଦୋଷ ହୋଇ ଖଲାସ୍ ହୋଇଥିଲେ । ତେବେ ଏହି ସାତ ଜଣ ବ୍ୟକ୍ତିଙ୍କର ମାମଲା ପେଣ୍ଡିଙ୍ଗ ରହିଥିଲା, ପରେ ଏହି ବିଶେଷ ମିଲିଟାରୀ ଅଦାଲତ୍ ଇଲିୟାସ୍ ମୁନୀର୍ ସାହେବ୍ ମୁରବୀ ସିଲ୍‌ସିଲା ଓ ରାଣା ନଇମୁଦ୍ଦିନଙ୍କୁ ଫାସୀ ଦଣ୍ଡାଦେଶ ଦେଇଥିଲା ଏବଂ ଅନ୍ୟ ଯେଉଁ ପାଂଚଜଣ ଅଭିଯୁକ୍ତ ରହିଥିଲେ, ସେମାନଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ସେ ଯାହା ହେଉ ନା କାହିଁକି ଉକ୍ତ ନ୍ୟାୟକୁ ଚ୍ୟାଲେଞ୍ଜ କରି ଲାହୋର୍ ହାଇକୋର୍ଟରେ ଅପିଲ୍ କରାଯାଇଥିଲା । ସୁତରାଂ ଲାହୋର ହାଇକୋର୍ଟ ୧୯୯୪ ମସିହା ମାର୍ଚ୍ଚମାସରେ ଦୋଷମୁକ୍ତର ଆଦେଶ ଦେଇଥିଲା ତାଙ୍କୁ ଏବଂ ଆବଶ୍ୟକ ଦସ୍ତାବେଜ୍‌ର ଦାଖଲ୍ କରିବାପାରେ ମାର୍ଚ୍ଚ ୧୯୯୪ ମସିହାରେ ସେମାନେ ଦୋଷମୁକ୍ତ ହୋଇ ନିର୍ଦ୍ଦୋଷରେ ଖଲାସ୍ ହୋଇଥିଲେ । ଏହିପରି ଭାବରେ ଆମମାନଙ୍କର ଏହି ବନ୍ଦୀ ହୋଇଥିବା ଅହେମଦୀଗଣ ସାଢ଼େ ନଅବର୍ଷ କାଳ ଅଲ୍ଲାଃଙ୍କ ମାର୍ଗରେ କାରାବରଣ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ବିରୋଧି ଅଣଅହେମଦୀମାନଙ୍କ ତରଫରୁ ଉକ୍ତ ଖଲାସ୍ ହୋଇଥିବା ଅହେମଦୀମାନଙ୍କ ବିରୋଧରେ ହାଇକୋର୍ଟର ରାୟକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ କରାଯାଇଥିଲା ଏବଂ ଏହା ମଧ୍ୟ ପୁନଶ୍ଚ ଶୁଣାଣୀ ୨୦୧୩ ମସିହାରେ ଆରମ୍ଭ ହୋଇଥିଲା । ଅଧିକନ୍ତୁ ଏହି ପୁନଃ ଶୁଣାଣୀ ବେଳକୁ ଏହି ଦୁଇଜଣ ଅହେମଦୀ ବିଦେଶରେ ରହିଥିଲେ । ଏହି କେସ୍‌ର ଶୁଣାଣି ଅଗ୍ରଗାମୀ ହୋଇନପାରି ଅଦ୍ୟାବଧି ସ୍ଥଗିତ ରହିଛି ।

କଏଦୀ ରହିଥିବା ଅବସ୍ଥାରେ ଅହେମଦୀମାନଙ୍କ ଉପରେ ନାନା ପ୍ରକାରର ନିର୍ଯ୍ୟାତନାର ଶିକାର ହେବାକୁ ପଡ଼ିଥିଲା ଏବଂ ପୋଲିସ୍ ଏମାନଙ୍କଠାରୁ ବୟାନ ନେବାପାଇଁ ଆପ୍ରାଣ ଚେଷ୍ଟା କରିଥିଲା କାରଣ ପୋଲିସ୍ କହୁଥିଲା ଯେ ତୁମେ ନିଜ ଖଲିଫାଙ୍କ ଅଙ୍ଗରକ୍ଷୀ ରହିଆସିଛ ତେଣୁ ସେ ତୁମକୁ ଏହି କାମ କରିବାକୁ ପ୍ରେରଣ କରିଛନ୍ତି ଯେ ତୁମେ ଏହି ଭଳି ଭାବରେ ମୁସଲମାନମାନଙ୍କୁ ମାର, ରାଣା ନଇମୁଦ୍ଦିନ୍ ସାହେବ୍ ଏହି ମୋକଦ୍ଦମାରୁ ଦୋଷ ମୁକ୍ତ ହେବାପରେ ୧୯୯୪ ମସିହାରେ ଲଣ୍ଡନକୁ ସ୍ଥାନାନ୍ତରିତ ହୋଇଥିଲେ ଏବଂ ଏଠାରେ ମଧ୍ୟ ନିଜ ବୟସରୁ ଅଧିକ କର୍ମଚାରୀମାନଙ୍କର ସୁରକ୍ଷାରେ ନିଜ ଦାୟିତ୍ୱ ନିର୍ବାହ କରିଆସୁଥିଲେ । ୨୦୧୦ ମସିହାରେ ତାଙ୍କର ଜ୍ୟୋଷ୍ଠପୁତ୍ରଙ୍କର କାଳ ହୋଇଥିଲା ପୁନଶ୍ଚ କିଛିଦିନ ପରେ ତାଙ୍କ ସ୍ତ୍ରୀଙ୍କର ମଧ୍ୟ କାଳ ହୋଇଥିଲା । ସେ ମତେ ପାକିସ୍ତାନ ଯିବାକୁ ଅନୁମତି ମାଗିଥିଲେ ତେଣୁ ବ୍ୟାହିକ ପରିସ୍ଥିତି ଅନୁଯାୟୀ ଏପରି ପତିୟମାନ ହୋଇଥିଲା ଯେ ପାକିସ୍ତାନ ଯିବା ଅତ୍ୟନ୍ତ କଷ୍ଟକର କିନ୍ତୁ ମୁଁ ତାଙ୍କୁ କହିଲି ଆପଣ ଶିଘ୍ର ଯାଇ ଫେରି ଆସନ୍ତୁ ଏବଂ ସେ କିଛି ଦିନ ପାକିସ୍ତାନ ଯାଇଥିଲେ ଓ ସେଠାରୁ ଫେରି ଆସିଥିଲେ ।

ମୃତକଙ୍କ ପିରଜନଙ୍କ ମଧ୍ୟରେ ଜଣେ ପୁତ୍ର ଓ ଚାରିଜଣ ଝିଅ ନିଜ ପଛରେ ଛାଡ଼ିଯାଇଛନ୍ତି ତାଙ୍କର ପୁତ୍ର ରାଣା ଓସିମ୍ ଅହ୍‌ମଦ୍ ଓ୍ୱକଫେ ଜିନ୍ଦେଗୀ ଅଟନ୍ତି ଏବଂ ୟୁକେରେ ପ୍ରାଇଭେଟ ସେକ୍ରେଟାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିଆସୁଛନ୍ତି ଓ ସମସ୍ତ ଚାରିଜଣ ପୁତ୍ର ଲଣ୍ଡନରେ ରହୁଛନ୍ତି । ତାଙ୍କର ପୁତ୍ର ଲେଖନ୍ତି କି ଆମର ସ୍ୱର୍ଗତ ପିତା ଆମକୁ ସର୍ବଦା ଏହି ଶିକ୍ଷା ଦେଉଥିଲେ କି ଖିଲାଫତ୍ ସହିତ ସର୍ବଦା ନିଜକୁ ଜଡ଼ିତ ରଖ କାରଣ ପ୍ରତ୍ୟେକ ବସ୍ତୁ ଖିଲାଫତ୍ ସହିତ ସଂଶ୍ଳିଷ୍ଟ । ସେ ଖିଲାଫତ୍ ପ୍ରେମୀ ଥିଲେ ଏବଂ ଏହା କହୁଥିଲେ ଯେ ଯେତେବେଳେ ମୁଁ ଡ୍ୟୁଟିକୁ ଯାଏ ଓ ଖଲିଫାଙ୍କୁ ଦେଖିନିଏ ସେତେବେଳେ ମୁଁ ଯୁବକ ପାଲଟିଯାଏ । ମୋର ସ୍ୱାସ୍ଥ୍ୟର ମଧ୍ୟ ଏହା ହିଁ ରହସ୍ୟ ଯେ ମୁଁ ଏହି ବୟସରେ ମଧ୍ୟ ଡ୍ୟୁଟି କରିବାକୁ ଆସିଥାଏ ଅନ୍ୟଥା ମୁଁ ସଜ୍ୟାସାୟୀ ହୋଇଯାଇଥାନ୍ତି । ସେ ଅତି ସମୟାନୁବର୍ତୀ ଥିଲେ ସେ ସର୍ବଦା ଡ୍ୟୁଟି ପାଇଁ ଦୁଇ ତିନି ଘଂଟା ପୂର୍ବରୁ ପ୍ରସ୍ତୁତ ହୋଇଯାଉଥିଲେ ଯଦି ମୁଁ ତାଙ୍କୁ କୁହେ କି ପିତାଶ୍ରୀ ବର୍ତମାନ ତ ସମୟ ଢ଼େର୍ ଅଧିକ ଅଛି, ସେତେବେଳେ ସେ ପ୍ରତିଉତରରେ କୁହନ୍ତି ଯେ, ସେଠୁ କଣ ହେଲା ଘରେ ବସି କରି କଣ କରିବି ।

ସେହିପରି ହୁଶାମ୍ ନାମକ ଜଣେ ଡ଼ାକ୍ତର ଅଛନ୍ତି ସେ ମଧ୍ୟ ଲେଖିଛନ୍ତି ଯେ ମୁଁ ତାଙ୍କର କାଗଜପତ୍ରକୁ ଯେତେବେଳେ ଅଧ୍ୟୟନ କଲି ସେତେବେଳେ ସ୍ତବ୍ଧ ରହିଗଲି । ଏହି ବୟସରେ, ଏପରି ରୋଗରେ ପୀଡ଼ିତ ରୋଗୀ ଘରେ ବସିପଡ଼ିବା ଉଚିତ ଏବଂ କେୟାର ହୋମ୍‌କୁ ଚାଲିଯିବା କଥା କିନ୍ତୁ ଏ ତ ଚଲାବୁଲା କରୁଛନ୍ତି । ସୁତରାଂ ସ୍ୱର୍ଗତ ନଇମୁଦ୍ଦିନ୍ ସାହେବ ଏହା କୁହନ୍ତି ଯେ ଚଲାବୁଲା ହିଁ ମୋର ସ୍ୱାସ୍ଥ୍ୟର ରହସ୍ୟ କାରଣ ମୁଁ ଚାଲିଆସି ଖଲିଫାଙ୍କ ସହିତ ରହିଥାଏ ଓ ତାଙ୍କର ସଙ୍ଗତରେ ରହିଥାଏ । ତାଙ୍କ ପୁତ୍ର ରାଣା ସାହେବ ମଧ୍ୟ ଲେଖିଛନ୍ତି କି ସେ ସର୍ବଦା ତାଙ୍କ ବାପାଙ୍କ ଶରୀରକୁ ମର୍ଦ୍ଦନ କରୁଥିଲେ । ଦିନେ ମୁଁ ତାଙ୍କର ଗୋଡ଼ ମାଲିସ୍ କରୁଥିଲି ଯେତେବେଳେ ମୁଁ ତାଙ୍କର ଆଣ୍ଠୁ ମାଲିସ୍ କରିବା ଆରମ୍ଭ କଲି ସେତେବେଳେ ତାଙ୍କ ଆଣ୍ଠୁରୁ କ୍ଷୀଣ ଶବ୍ଦ ବାହାରିଲା ମୁଁ ପଚାରିଲି ଅବାଜି ଏହା କଣ ? ସେ ଉତରେ ଦେଲେ କିଛି ନାହିଁ । ସେ ଯାହା ହେଉ ମୁଁ ଅଝଟ ହେବାରୁ ସେ କହିଲେ ଯେ ଏହା ଜେଲ୍‌ରେ ଥିବା ଅବସ୍ଥାରେ ମୋର ପୀଡ଼ା । ସେ ସର୍ବଦା ଧୈର୍ଯ୍ୟ ଓ ସହନଶୀଳତା ପ୍ରଦର୍ଶନ କରିଥିଲେ ଏବଂ ଯେତେବେଳେ ତାଙ୍କୁ ପାକିସ୍ତାନର ଜେଲ୍‌ରେ ଅତ୍ୟନ୍ତ ନିର୍ମମଭାବରେ ମାଡ଼ ମରାଯାଉଥିଲା ସେତେବେଳେ ସେ ଏହି ସମସ୍ତ ନିର୍ଯ୍ୟାତନାକୁ ଅତ୍ୟନ୍ତ ଧୈର୍ଯ୍ୟର ସହ ସହ୍ୟ କରିଥିଲେ । କାରାମୁକ୍ତ ହେବା ପରେ ମଧ୍ୟ ତାଙ୍କର ଧେର୍ଯ୍ୟର ସ୍ତର ଅତ୍ୟନ୍ତ ଉଚ୍ଚରେ ଥିଲା ଯେତେବେଳେ ତାଙ୍କର ଦେହ ଅସୁସ୍ଥ ହେଉଥିଲା ସେତେବେଳେ ସେ କାହାକୁ କିଛି କହୁନଥିଲେ ବରଂ ସବୁବେଳେ ଏହା କହୁଥିଲେ ଯେ, ଅଲ୍‌ହମ୍‌ଦୁଲ୍ଲିଲ୍ଲା ଠିକ୍ ଅଛି ।

ଖିଲାଫତ୍‌ର ଅଜ୍ଞାନୁବର୍ତିତାର କଣ ମହତ୍ୱ ରହିଛି ଏ ସମ୍ପର୍କରେ ସେ ମତବ୍ୟକ୍ତ କରନ୍ତି ଏକଦା ମୁଁ ପିତାଙ୍କ ପାଖରେ ବସିଥିଲି ଓ ମୁଁ ତାଙ୍କୁ ଅନେକ ଘଟଣା ସମ୍ପର୍କରେ ବର୍ଣ୍ଣନା କରିବାକୁ କହୁଥିଲି ଯେ ଦିନେ ସେ କହିଲେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ନଖ୍ଲା ନାମକ ସ୍ଥାନକୁ ଯାଇଥିଲେ ଯେଉଁଠି ସେ ତଫ୍‌ସିର୍ ଲେଖୁଥିଲେ । ସେତେବେଳେ ମୁଁ ତାଙ୍କ ସହିତ ଥିଲି ଯେପିର କି ମୁଁ ପୂର୍ବରୁ କହିଲି କି ସେ ସେଠାରେ ରହିଛନ୍ତି ଏବେ କୌଣସି କଥା ଉପରେ ହଜୁର ର:ଅ ମୋ ଉପରେ କ୍ଷୁବ୍ଧ ହେଲେ ଏବଂ ମତେ କହିଲେ ତୁମେ ମସ୍‌ଜିଦ୍ ଚାଲିଯାଅ ଏବଂ ମସ୍‌ଜିଦ୍‌କୁ ଯାଇ ଇସ୍ତେଗ୍‌ଫାର୍ କର । ସେ କୁହନ୍ତି ମୁଁ ମସ୍‌ଜିଦ୍ ଚାଲିଗଲି ସେତେବେଳେ ମସ୍‌ଜିଦ୍ କଚ୍ଚା ଥିଲା ଅର୍ଥାତ ମାଟି ତିଆରି ମସ୍‌ଜିଦ୍ ଥିଲା ଏବଂ ତାହାର ଏକ ଛୋଟ ପ୍ରାଙ୍ଗଣ ରହିଥିଲ । ମୁଁ ମସ୍‌ଜିଦ୍‌ର ପ୍ରାଙ୍ଗଣରେ ବସି ଇସ୍ତେଗ୍‌ଫାର୍ କରିବା ଆରମ୍ଭ କରିଦେଲି । ଠିକ୍ ସେତିକିବେଳେ ଏକ ଝଡ଼ ତୋଫାନ୍ ଆସିଗଲା ଓ ବର୍ଷା ଆରମ୍ଭ ହୋଇଗଲା । କିନ୍ତୁ ବର୍ଷା ସତ୍ୱେ ମୁଁ ମୋ ସ୍ଥାନରେ ବସି ରହିଲି ଓ ଇସ୍ତେଗ୍‌ଫାର୍ କରୁଥିଲି । ଯେତେବେଳେ ଅନେକ ସମୟ ଅତିକ୍ରମ ହୋଇଗଲା ଏବଂ ମସ୍‌ଜିଦ୍‌ରେ ସୂର୍ଯ୍ୟାଲୋକରୁ ରକ୍ଷା ପାଇବା ପାଇଁ ଟଣା ଯାଇଥିବା ଏକ ଛତା ମଧ୍ୟ ଉଡ଼ିଗଲା ସେତେବେଳେ ଖଲିଫତୁଲ୍ ମସିହ ସାନି ର:ଅ ପଚାରିଲେ ଯେ, ନଇମ୍ କେଉଁଠି ଅଛି ? କିଛି ଲୋକ ମତେ ଖୋଜି ଖୋଜି ମୋ ନିକଟକୁ ଆସିଲେ ଏବଂ କହିଲେ ହଜୁର ତୁମକୁ ଡ଼ାକୁଛନ୍ତି । ଯେତେବେଳେ ମୁଁ ହଜୁରଙ୍କ ନିକଟରେ ଉପସ୍ଥିତ ହେଲି ସେତେବେଳେ


**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family,*
*Jamat Ahmadiyya, Pankal (Odisha)*



**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ହଜୁର କହିଲେ ମୁଁ ଜାଣିଥିଲି ଯେ ତୁମେ ସେଇଠି ଥିବ । ସେ ଯାହା ହେଉ ମୁଁ ତୁମକୁ କ୍ଷମା ଦେଲି । ପୁନଶ୍ଚ ତାଙ୍କ ପୁତ୍ର ତାଙ୍କ ମାଧ୍ୟମରୁ ଉଲ୍ଲେଖ କରିଛନ୍ତି ଯେ, ଅର୍ଥାତ ନଇମୁଦ୍ଦିନ୍ ସାହେବ କୁହନ୍ତି ଯେତେବେଳେ ଖଲିଫତୁଲ୍ ମସିହ୍ ସାନି ର:ଅ ତଫସିର ଲେଖିବା ଆରମ୍ଭ କଲେ ସେତେବେଳେ ମୋ ପିତାଙ୍କୁ ହଜୁର ସ:ଆ:ସଙ୍କ ସେବା କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ସେ ଉକ୍ତ କଥାରୁ ବହୁତ ଭାବରେ ମତବ୍ୟକ୍ତ କରୁଥିଲେ ଏବଂ ଆନନ୍ଦ ବ୍ୟକ୍ତ କରୁଥିଲେ । ଏହା ତାଙ୍କର ଅଭ୍ୟାସ ଥିଲା ଯେ ସେ ନିଜର ଖୁସିକୁ ସମସ୍ତଙ୍କ ସହିତ ବାଂଟୁଥିଲେ କିନ୍ତୁ ନିଜର ଦୁଃଖକୁ କାହାରି ସହିତ ବାଂଟୁନଥିଲେ ।

ପୁନଶ୍ଚ ନଇମୁଦ୍ଦିନ୍ ସାହେବଙ୍କର ପୁତ୍ର ନିଜ ପିତାଙ୍କର ସୁଗୁଣାବଳୀ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଯେ ମୋ ବାପା ଜଣେ କୋମଳ ହୃଦୟ ରଖିଥିବା ବ୍ୟକ୍ତି ଥିଲେ ଏବଂ ଜଣେ ପ୍ରକୃତ ବନ୍ଧୁ ଥିଲେ । ଯେତେବେଳେ ରାଣା ଓସିମ୍ ସାହେବ ୱକଫ୍ କଲେ ଓ ତାଙ୍କର ୱକଫ୍ ଗ୍ରହଣ ହୋଇଥିଲା ସେତେବେଳେ ତାଙ୍କ ପିତା ଅର୍ଥାତ ନଇମୁଦ୍ଦିନ ସାହେବ ମତେ ଦିନେ କହିବାକୁ ଲାଗିଲେ ଯେ ଏହା ଅତ୍ୟନ୍ତ ଗୁରୁ ଦାୟିତ୍ୱ ଅଟେ ତଥା ନିଜ ପୁତ୍ରଙ୍କୁ ସେ ଉପଦେଶ ପୂର୍ବକ କହିଲେ ଏହା ଅତ୍ୟନ୍ତ ଗୁରୁଦାୟିତ୍ୱ ଅଟେ ତୁମେ ସର୍ବଦା ଇସ୍ତେଗଫାର୍ କରି ନିଜର ୱକଫ୍ ନିର୍ବାହ କରିବାକୁ ଚେଷ୍ଟା କରିବ । ଯଦି ତୁମକୁ କେହି ଦୁଃଖ ଦିଏ ତେବେ ସେ ପରିପ୍ରେକ୍ଷୀରେ ତୁମେ ନୀରବ ରହିଯିବ ଓ ତା ସହିତ ଯୁକ୍ତିତର୍କ କରିବ ନାହିଁ ଏବଂ ସମସ୍ତ କଥାକୁ ଅଲ୍ଲାହ୍ଙ୍କ ଭରଷାରେ ଛାଡ଼ି ଦେବ ଏବଂ ଧୈର୍ଯ୍ୟ ଧରିବ, ଧୈର୍ଯ୍ୟକୁ କେବେ ହେଲେ ହାତଛଡ଼ା କରିବ ନାହିଁ । କାରଣ ଅଲ୍ଲାହ୍ ତାଲା ଧୈର୍ଯ୍ୟ ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ସାଥିରେ ଥାଆନ୍ତି । ସେ ମତେ ଏପରି ଉପଦେଶ ଦେଉଥିଲେ ଏବଂ ତାହା ଏପରି ପତିତ ହେଉଥିଲା ଯେ ଯେପରି ସେ ମୋର ଅନ୍ତରଙ୍ଗ ବନ୍ଧୁ ଅଟନ୍ତି । ପୁନଶ୍ଚ ରାଣା ଓସିମ୍ ସାହେବ କୁହନ୍ତି ମୋର ଧର୍ମପତ୍ନୀ ଯିଏ ରାଣା ନଇମୁଦ୍ଦିନ୍ ସାହେବଙ୍କର ବୋହୂ ଥିଲେ, ସେ ମୋ ଧର୍ମପତ୍ନୀ ସହିତ ମଧ୍ୟ ବନ୍ଧୁପରି ବ୍ୟବହାର କରୁଥିଲେ । କେବଳ ସେତିକି ନୁହେଁ ବରଂ ସେ ନିଜ ଝିଅଠୁ ବଳି ଅଧିକ ସ୍ନେହ ଓ ଆଦର କରୁଥିଲେ । ରାଣା ଓସିମ୍ ସାହେବ୍ କୁହନ୍ତି ଯେ ଥରେ ମୋ ପିତାଙ୍କୁ ହଜରତ୍ ଅମାଜାନ୍ଙ୍କ ଦରୱାନ୍ ଭାବରେ ସେବା କରିବାର ସୌଭାଗ୍ୟ ଅର୍ଜନ ହେଲା । ଯେତେବେଳେ ରାଣା ନଇମୁଦ୍ଦିନ୍ ସାହେବ୍ ୱସିୟତ୍ କରିଥିଲେ ସେତେବେଳେ ସେ ଅନ୍ୟ ପରିବାରବର୍ଗ ଓ ପରିଜନଙ୍କୁ ମଧ୍ୟ ୱସିୟତ୍ରେ ସାମିଲ ହେବାକୁ ପ୍ରବଟାଉ ଥିଲେ ଅର୍ଥାତ ପ୍ରେରିତ କରୁଥିଲେ । ସେ ନିୟମିତ ଚାନ୍ଦା ଦେଉଥିଲେ ପ୍ରତି ମାସର ପହିଲା ତାରିଖରେ ସେ ଚାନ୍ଦା ପଇଠ କରିଦେଉଥିଲେ ଏବଂ ଏହାପରେ ସେ ଅନ୍ୟାନ୍ୟ ଖର୍ଚ୍ଚ କରୁଥିଲେ ସେ ସର୍ବଦା ଅତ୍ୟନ୍ତ ନୀରବତାର ସହିତ ଅଭାବି ବ୍ୟକ୍ତିଙ୍କୁ ଆର୍ଥିକ ସାହାଯ୍ୟ ମଧ୍ୟ କରୁଥିଲେ । ଏହା କାହାରି ଆଗରେ ଚର୍ଚ୍ଚା କରୁନଥିଲେ ତାଙ୍କର ପୁତ୍ରୀମାନେ ବର୍ଣ୍ଣନା କରନ୍ତି ଯେ, ପିତାଙ୍କ ଖିଲାଫତ୍ ସହିତ ଏଭଳି ସମ୍ପର୍କ ଥିଲା ଯେ ଆମେ ତାଙ୍କ ଉପରେ ଗର୍ବ ଅନୁଭବ କରୁଥିଲୁ । ଖିଲାଫତ୍ ର ପ୍ରେମୀ ଥିଲେ ତାଙ୍କ ଶିରାପ୍ରଶିରାରେ ଏହା ଭେଦି ରହିଥିଲା ଅର୍ଥାତ ଖଲିଫାଙ୍କ ସହ ପ୍ରେମ କରିବା । ଯେତେବେଳେ ତାଙ୍କ ଆଗରେ ଖଲିଫାଙ୍କ ଚର୍ଚ୍ଚା ହେଉଥିଲା ସେତେବେଳେ ତାଙ୍କ ଆଖି ଛଳଛଳ ହୋଇଯାଉଥିଲା ।

ସେ ସର୍ବଦା ଅଫିସରମାନଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ତାଙ୍କର ଜଣେ ପୁତ୍ରୀ କୁହନ୍ତି ଯେ ଏକଦା ଆମେ ସମସ୍ତ ଭଉଣୀମାନେ ବାପାଙ୍କ ସହିତ ଭେଟିବାପାଇଁ ପ୍ରାଇଭେଟ ସେକ୍ରେଟାରୀ ସାହେବଙ୍କ କାର୍ଯ୍ୟାଳୟରେ ବସିଥିଲୁ ଏବଂ ଆମେମାନେ ଅପେକ୍ଷାରତ ଥିଲୁ । ସେତେବେଳେ କଣ ଦେଖିଲୁ ଯେ, ପିତାଶ୍ରୀ ସଚେତ ଓ ସଜାଗ ହୋଇ ଛିଡ଼ା ହୋଇଛନ୍ତି ଯେପରି ଡ୍ୟୁଟିରେ ଛିଡ଼ା ହୋଇଛନ୍ତି । ଆମେ ଆଶ୍ଚର୍ଯ୍ୟ ଚକିତ ହୋଇଗଲୁ ଯେ ହଠାତ୍ କଣ ହୋଇଯାଇଛି ଯେତେବେଳେ ଆମେ ଟିକିଏ ମୁଣ୍ଡ ଉଠାଇ ଦେଖିଲୁ ଯେ, ହିଫାଜତେ ଖାସ୍ର ନାଏବ୍ ଅଫିସର କୌଣସି କାମରେ କାର୍ଯ୍ୟାଳୟକୁ ଆସିଛନ୍ତି ଅବା ଡ୍ୟୁଟିପାଇଁ ଆସିଛନ୍ତି ଏବଂ ତାଙ୍କର ସମ୍ମାନ ରକ୍ଷା କରିବା ଉଦ୍ଦେଶ୍ୟରେ ଆମ ପିତା ଛିଡ଼ା ହୋଇଯାଇଛନ୍ତି ଯେ ପର୍ଯ୍ୟନ୍ତ ସେ ଅଫିସର ମହୋଦୟ ସେଠାରେ ଛିଡ଼ା ହୋଇ ରହିଥିଲେ ସେ ପର୍ଯ୍ୟନ୍ତ ଆମ ପିତା ତାଙ୍କ ରକ୍ଷା ଉଦ୍ଦେଶ୍ୟରେ ଛିଡ଼ା ହୋଇ ରହିଥିଲେ ଏବଂ ଯେତେବେଳେ ଅଫିସର ମହୋଦୟ ପ୍ରସ୍ଥାନ କରିଗଲେ ସେତେବେଳ ପିତାଶ୍ରୀ ଆସନ ଗ୍ରହଣ କଲେ । ତାଙ୍କ ସୁପୁତ୍ରୀ କୁହନ୍ତି ସେ ଏହି କଥାଟି କିଛି ମିନିଟର କଥା ଥିଲା କିନ୍ତ ଏହା ଆମକୁ ଅନେକ କିଛି ଶିକ୍ଷା ଦେଇଗଲା । ଆମ ପିତା ଆମକୁ ସାରା ଜୀବନ ଏହି ଉପଦେଶ ଦେଉଥିଲେ କି ଜୀବନରେ ଲାଭବାନ ହେବାପାଇଁ ଖିଲାଫତ୍ ସହ ଏପରି ଯୋଡ଼ି ରୁହ ଯେପରି ଲୁହା ଚୁମ୍ବକ ସହିତ ଯୋଡ଼ି ରହିଥାଏ । ପୁନଶ୍ଚ କୁହନ୍ତି ଯେ, ଆମ ପିତା ଯେତେବେଳେ ଆମ ଚାରିଭଉଣୀ ଓ ଭାଇ ଭାଉଜଙ୍କୁ କିଛି ଦିନ ପୂର୍ବରୁ ଇଦ୍ ଖର୍ଚ୍ଚ ଦେଲେ ସେତେବେଳେ ଆମେ କହିଲୁ କି ପିତାଜୀ ବର୍ତ୍ତମାନ ତ ରମ୍ଜାନ୍ ମାସ ଆରମ୍ଭ ହୋଇନାହିଁ । ସେ କହିବାକୁ ଲାଗିଲେ ଯେ, ସମୟର କିଛି ଜଣା ନାହିଁ ତେଣୁ ନିଜର କର୍ତବ୍ୟ ସମ୍ପାଦନ କରିବାରେ ବିଳମ୍ବ କରିବା ଉଚିତ ନୁହେଁ ।

ତାଙ୍କର ବିୟୋଗ ପୂର୍ବରୁ ସେ ନିଜ ପିଲାଙ୍କୁ ଇଦ୍ ଦେଇ ଚାଲିଯାଇଛନ୍ତି । ତାଙ୍କର ବୋହୂ ବର୍ଣ୍ଣନା କରନ୍ତି ଯେ, ମୋ ଶ୍ୱଶୁର ପିତାବତ୍ସଳ ଓ ସ୍ନେହଶୀଳ ଥିଲେ ସେ ମୋର ବହୁତ ଯତ୍ନ ନେଉଥିଲେ ସର୍ବଦା ମୋ ପିତା ହୋଇ ଉପଦେଶ ଦେଉଥିଲେ । ଯେତେବେଳେ ମୋ ପିତାଙ୍କ ମୃତ୍ୟୁ ଘଟିଲା ସେତେବେଳେ ତାଙ୍କ ଶ୍ୱଶୁର ନିଜ ପୁତ୍ରଙ୍କୁ କହିଲେ ଯେ ତୁମେ ସ୍ୱାମୀ ସ୍ତ୍ରୀ ଯାଇ ତାଙ୍କ ଯନାଜାରେ ସାମିଲ ହୁଅ । ପୁନଶ୍ଚ ଏହି ବୋହୂ ଉଲ୍ଲେଖ କରିଛନ୍ତି ଯେ ରାତ୍ରରେ ଯେ କୌଣସି ପ୍ରହରରେ ମୋ ଆଖି ଖୋଲୁଥିଲା ସେତେବେଳେ ମୁଁ ତାଙ୍କୁ ନମାଜ ପଢୁଥିବାର ଅବସ୍ଥାରେ ଦେଖୁଥିଲି । ସେ ଖିଲାଫତ୍ ପ୍ରେମୀ ଥିଲେ ପ୍ରତ୍ୟେକ ଉଲ୍ଲେଖକାରୀ ତାଙ୍କ ସମ୍ପର୍କରେ ଏହା ହିଁ ଉଲ୍ଲେଖ କରିଛନ୍ତି ଯେ ଖିଲାଫତ୍ ସହିତ ତାଙ୍କର ବିଶ୍ୱସ୍ତ ନିଷ୍ଠାପର ସମ୍ପର୍କ ରହିଥିଲା ଏବଂ ସେ କହୁଥିଲେ ଯେ ଖଲିଫାଙ୍କ ଦୁଆ ବଳରୁ ହିଁ ମୁଁ କାରାମୁକ୍ତ ହୋଇପାରିଛି ଏବଂ ଏଠାରେ ଡ୍ୟୁଟି ଦେଇପାରୁଛି । ସେ କୁହନ୍ତି ଯେ ଯେଉଁ ରାଷ୍ଟ୍ରର ରାଷ୍ଟ୍ରପତି ଫାସୀ ଦଣ୍ଡାଦେଶ ଉପରେ ହସ୍ତାକ୍ଷର କରିଦେଇଥିଲା ଖଲିଫାଙ୍କ ଦୁଆରୁ ତାହାର ପତା ମିଳିଲାନାହିଁ ଏବଂ ସେ କୁଆଡ଼େ ଗଲା କିନ୍ତୁ ରାଣା ନଇମୁଦ୍ଦିନ୍ ସାହେବ୍ ସଂସାରବାସୀଙ୍କ ଆଗରେ ଜୀବନ୍ତ ନିଦର୍ଶନା ସ୍ୱରୂପ ଛିଡ଼ା ହୋଇଛନ୍ତି ।

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍ତି ନୁହ, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

## ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାହ୍ଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | Aconite - 200 | Arsenic Alb - 200 | Gelsemium - 200 |

| | |
|---|---|
| (ii) | Chelidonium Maj - 1x |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୂପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | Influenzinum-200 | Bacillinum-200 | Diphtherinum-200 |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | Arnica-30 | Baptisea-30 | Arsenic Alb-30 |
| | Heper Sulph-30 | Nat. Sulph-30 | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | Chelidonium Maj - 1x |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘⌘

ତାଙ୍କର ଆଉଜଣେ ପୁତ୍ରୀ କୁହନ୍ତି ଯେ, ମୋ ପିତା ମୋ ପିଲାମାନଙ୍କୁ ସର୍ବଦା ଗୋଟିଏ ଉପଦେଶ ଦେଉଥିଲେ ଯେ, ଅଲ୍ଲାଃ ଓ ଖଲିଫାଙ୍କ ସହିତ ସର୍ବଦା ସମ୍ପର୍କ ସୁଦୃଢ଼ ରଖ ତହିଁରେ ତୁମର ସ୍ଥାୟିତ୍ୱ ରହିଛି । ସେ ସର୍ବଦା କୋରାନ୍ ପଢ଼ିବାପାଇଁ ଉତ୍ସାହିତ କରୁଥିଲେ ସେ ନମାଜ ତହଜ୍ଜୁଦ୍ ନିୟମିତ ଭାବରେ ପାଠ କରୁଥିଲେ । ମୁଁ ମୋ ଜୀବନରେ କେବେ ହେଲେ ତାଙ୍କୁ ନମାଜ ତହଜ୍ଜୁଦ୍ ଛାଡ଼ିବାର ଦେଖିନାହିଁ । ସେ ଆମମାନଙ୍କ ପାଇଁ ଦୁଆ ର ଗନ୍ତାଘର ଛାଡ଼ି ଯାଇଛନ୍ତି । ସେ ଅତ୍ୟନ୍ତ ଅତିଥିସତ୍କାରୀ ଥିଲେ । ସେ ଗରୀବ ପରିଜନଙ୍କର ଯତ୍ନ ନେଉଥିଲେ । ରାଣା ନଇମୁଦ୍ଦିନ୍ ସାହେବ୍ ନିଜ ସ୍ୱର୍ଗତ ପିତାମାତଙ୍କର ଓ ନିଜ ଧର୍ମପତ୍ନୀଙ୍କର ଚାନ୍ଦା ମଧ୍ୟ ପଇଠ କରୁଥିଲେ । ତାଙ୍କ ସହଧର୍ମୀଣିଙ୍କ ବିୟୋଗପରେ ସେ ତାଙ୍କର ନିୟମିତରୂପେ ତାଙ୍କର ଚାନ୍ଦା ଦେଉଥିଲେ । ତାଙ୍କ ପୁତ୍ରୀ କୁହନ୍ତି କି ମୁଁ ପିତାଙ୍କ ତୁଣ୍ଡରେ ସର୍ବଦା ଗୋଟିଏ କବିତା ଉଚ୍ଚ ଶ୍ୱରରେ ପଢୁଥିବାର ଶୁଣୁଥିଲି ତାହା ଏହିକି ଯେ, **ହୋ ଫଜଲ ତେରା ୟା ରବ୍ ୟା କୋଇ ଇବ୍‌ତେଲା ହୋ ରାଜି ହେଁ ହମ୍ ଇସିମେ ଯିସ୍‌ମେ ତେରୀ ରଜା ହୋ ।** ତାଙ୍କ ପୁତ୍ରୀ କୁହନ୍ତି ଯେ ଆମ ମାଆଙ୍କ ବିୟୋଗପରେ ସେ ଆମର ବହୁତ ଯତ୍ନ ନେଇଥିଲେ ଏବଂ ନିଜର ବୋହୂ ସହିତ ସର୍ବଦା ପୁତ୍ରୀମାନଙ୍କଠାରୁ ଅଧିକ ସଦ୍‌ବ୍ୟବହାର ପଦର୍ଶନ କରୁଥିଲେ । ସେ ଯେ କୌଣସି ଜିନିଷ ଆଣୁଥିଲେ ଯେତେବେଳେ ବି ଇଦ୍ ଖର୍ଚ୍ଚ ଦେଉଥିଲେ ସେତେବେଳେ ନିଜର ବୋହୂକୁ ଆଗତୁରା ଦେଉଥିଲେ ଓ ପରେ ଆମମାନଙ୍କୁ ଦେଉଥିଲେ ଏବଂ କହୁଥିଲେ ଯେ, ଆମେ ପର ବା ଅନ୍ୟର ଝିଅକୁ ନିଜ ଘରକୁ ବୋହୂ କରି ଆଣିଛେ ତେଣୁ ତାହାର ଅଧିକ ଧ୍ୟାନ ରଖିବା ଉଚିତ କାରଣ ମୁଁ ଅଲ୍ଲାଃଙ୍କ ନିକଟରେ ଉତରଦାୟୀ ଅଟେ ।

ଆଉ ଜଣେ ପୁତ୍ରୀ ଲେଖିଛନ୍ତି ନିଃସନ୍ଦେହରୂପେ କହିବାକୁ ଗଲେ ତାଙ୍କର ସେହି ପରୀକ୍ଷାର ଦିନ ଯେଉଁଠି ସେ ଜେଲ୍‌ରେ ନିଜର ସମୟ ଅତିବାହିତ କରିଥିଲେ ତାହା ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଓ ତାଙ୍କ ଧର୍ମର ସ୍ନେହ ଓ ଖିଲାଫତ୍ ପ୍ରତି ପ୍ରେମର ତାଙ୍କର ସମୟ ଅତିବାହିତ ହୋଇଥିଲା । ସେ ତୁଣ୍ଡରୁ କେବେ ହେଲେ କୌଣସି କାର୍ଯ୍ୟ ବା ବସ୍ତୁ ପାଇଁ ଅଭିଯୋଗ ବା ଆପତି କରିନଥିଲେ । ତାଙ୍କ ପାଟିରୁ କେବେ ହେଲେ ଆହା ! ଶବ୍ଦ ବାହାରି ନାହିଁ । ସେ ଅସୁସ୍ଥ ଥିବା ଅବସ୍ଥାରେ ମଧ୍ୟ ନମାଜ ତହଜ୍ଜୁଦ୍ ପଢୁଥିଲେ ଏବଂ ଜେଲ୍‌ରେ ପୋଲିସ୍‌ର ବର୍ବରତା ମୂଳକ ଅତ୍ୟାଚାର ଯୋଗୁଁ ସେ ବୃକକ୍ ରୋଗରେ ଆକ୍ରାନ୍ତ ହୋଇଥିଲେ ଏବଂ ତାହାର ପ୍ରଭାବ ଅଧିକ ହୋଇଥିଲା ତାଙ୍କ ଶେଷ ଜୀବନ ପର୍ଯ୍ୟନ୍ତ ଶ୍ୱାସରୋଗ ଯୋଗୁଁ ଅବା ଅନ୍ୟ କୌଣସି ସମସ୍ୟା ଯୋଗୁଁ ସେ ପୀଡ଼ିତ ଥିଲେ । ତାଙ୍କ ପୁତ୍ରୀ କୁହନ୍ତି ଯେ, ଆମେ କେବେ ହେଲେ ତାଙ୍କ ତୁଣ୍ଡରୁ ଏହି ଶବ୍ଦ ଉଚ୍ଚାରଣ କରିବାର ଶୁଣିନାହୁଁ ଯାହାକି ଅପ୍ରିତକର ହୋଇଥିବ । ତାଙ୍କ ତୁଣ୍ଡରୁ ସୁକର୍ ଅଲ୍‌ହମ୍‌ଦୁଲ୍ଲିଲା ବ୍ୟତିତ ଅନ୍ୟ କୌଣସି ବାକ୍ୟ ନିର୍ଗତ ହେଉନଥିଲା ।

ପୁନଶ୍ଚ ତାଙ୍କର ପୁତ୍ରୀ କୁହନ୍ତି ଯେ, ଆମ ପିତା ଆମମାନଙ୍କ ପାଇଁ ଏତେ ଚିନ୍ତିତ ଥିଲେ କି ସେ କହୁଥିଲେ ମୁଁ ବାର୍ଦ୍ଧକ୍ୟ ଅବସ୍ଥାର ଶେଷ ପର୍ଯ୍ୟାୟରେ ଉପନୀତ ହୋଇଛି ଅର୍ଥାତ ମୋର ବୟସ ୭୮ ବୟସ ଅଟେ । କିଛି ଜଣାନାହିଁ ଯେ ଯେତେବେଳେ ମୁଁ ନ ରହେ, କିନ୍ତୁ ମୋର ବିୟୋଗପରେ ତୁମେମାନେ ମତେ ପାକିସ୍ତାନ ନେଇଯିବ । ଅର୍ଥାତ ମୋ ମରଶରୀରକୁ ପାକିସ୍ତାନ ନେଇଯିବ ଏଥିସହ ନିଜର ପୁତ୍ରୀମାନଙ୍କୁ କହିଲେ ଯେ, ମୁଁ ତୁମ ସମସ୍ତଙ୍କ ପାଇଁ ଉଡ଼ାଜାହାଜର ଟିକଟର ଅର୍ଥରାଶି ରଖିଦେଇଛି କାରଣ ଯେତେବେଳେ ତୁମେମାନେ ମୋ ମରଶରୀରକୁ ପାକିସ୍ତାନ ନେବ, ସେତେବେଳେ ତୁମେ ତୁମ ସ୍ୱାମୀମାନଙ୍କ ଉପରେ ଭରଷା କରିବନାହିଁ । ତୁମେମାନେ ତୁମ ପିତାଙ୍କ ଉପାର୍ଜିତ ଅର୍ଥ ବୟ କରି ଯନାଜାଃ ସାଥିରେ ନେଇଯିବ । ବର୍ତମାନ ତ ପରିସ୍ଥିତି ଅନୁଯାୟୀ ପାକିସ୍ତାନ ନେବା ସମ୍ଭବ ନୁହେଁ କିନ୍ତୁ ତାହା ସନ୍ତକରୂପେ ଏଠାରେ କବର ଦିଆଯାଇଛି । ଯେତେବେଳେ ପରିସ୍ଥିତି ଓ ପଥ ସୁଗମ ହେବ ସେତେବେଳେ ତାଙ୍କର ଶେଷ ଇଚ୍ଛା ମଧ୍ୟ ଇନ୍‌ଶାଅଲ୍ଲାଃ ପୂରଣ କରିବାପାଇଁ ଚେଷ୍ଟା କରାଯିବ ଓ ଯନାଜାଃ ପଠାଯିବାର ବ୍ୟବସ୍ଥା କରାଯିବ ।

ରବ୍‌ୱାର ତାଙ୍କର ଜଣେ ଭଣଜା ରାଣା ବଶୀର୍ ଅହ୍‌ମଦ୍ ସାହେବ୍ କୁହନ୍ତି ଯେ ବନ୍ଦୀ ଥିବା ସମୟରେ ମୁଁ ତାଙ୍କୁ ଅନେକଥର ସାକ୍ଷାତ କରିଥିଲି ଏବଂ ସେତେବେଳେ ମୁଁ ତାଙ୍କୁ କାରାଗାରରେ କୌଣସି ଜିନିଷ ଦେବାକୁ ଯାଉଥିଲି ସେତେବେଳେ ଆମକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ସେ ସବୁବେଳେ ଆମମାନଙ୍କୁ ଧୈର୍ଯ୍ୟ ଓ ଦୁଆ କରିବାପାଇଁ କହୁଥିଲେ ସେ ଜଣେ ଉଚ୍ଚଶ୍ରେଣୀର ବ୍ୟକ୍ତି ଥିଲେ ଏବଂ ଅତ୍ୟନ୍ତ ଧୈର୍ଯ୍ୟଶୀଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେହିପରି ତାଙ୍କର ପୁତୁରା ଲେଖିଛନ୍ତି ୧୯୮୦ ମସିହା ପର୍ଯ୍ୟନ୍ତ ଖଲିଫାଙ୍କ ପ୍ରାସାଦରେ ଜଲ୍‌ସା ବେଳେ ଆମେମାନେ ଯେତେବେଳେ ତାଙ୍କ ନିକଟକୁ ଯାଉଥିଲୁ ସେତେବେଳେ ଅଣଅହେମଦୀ ପରିବାର ମଧ୍ୟ ଆମ ସହିତ ରହୁଥିଲେ । ଜଲ୍‌ସାରେ ପ୍ରୀୟ ବନ୍ଧୁଙ୍କ ଚାଲିଯିବାପରେ ଆମର ପିଇସା ସର୍ବଦା ତାଙ୍କର ଧର୍ମପତ୍ନୀଙ୍କୁ କହୁଥିଲେ ଯେ, ଅତିଥିମାନଙ୍କର ସର୍ବଦା ଯତ୍ନ ନିଅ ଏବଂ ସେମାନଙ୍କର ଖିଆପିଆ ଓ ବିଶ୍ରାମ ନେବାର ଯେପରି କୌଣସି କଷ୍ଟ ନୁହେଁ । ଯେଉଁ ସ୍ଥାନରେ ଅଭାବ ପରିଲକ୍ଷିତ ହେଉଥିଲା ସେତେବେଳେ ସେ ନିଜ ପିଲାଙ୍କୁ ଧରି ଷ୍ଟୋରରୁମ୍ କିମ୍ବା ରୋଷେଇଶାଳାରେ ଶୋଇପଡୁଥିଲେ ଏବଂ ଅତିଥିମାନଙ୍କୁ ଭଲ କୋଠରୀ ପ୍ରଦାନ କରୁଥିଲେ । ସେ କହୁଥିଲେ ଯେ, ଏମାନେ ହେଉଛନ୍ତି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଅତିଥି ତେଣୁ ଏମାନଙ୍କୁ କୌଣସି କଷ୍ଟ ନ ହେଉ । ତାଙ୍କର ଜଣେ ଭଣଜା କୁହନ୍ତି ଯେ, ମୁଁ ଯେତେବେଳେ ତାଙ୍କୁ ଜେଲ୍‌ରେ ଭେଟିବାକୁ ଗଲି ଓ ଯେତେବେଳେ ତାଙ୍କୁ ଖବର ପଚାରିଲି ଓ ତାଙ୍କ ଅବସ୍ଥା ସମ୍ବନ୍ଧରେ ଜାଣିବାପାଇଁ ପଚାରିଲି । ସେତେବେଳେ ସେ ଅତ୍ୟନ୍ତ ଆବେଗ ପୂର୍ଣ୍ଣ ଶୈଳୀରେ କହିଲେ ଯେ କୌଣସି ପରିସ୍ଥିତିରେ ସମ୍ମୁଖୀନ ହେଉନା କାହିଁକି ଈଶ୍ୱରଙ୍କ ଉପରେ ଆସ୍ଥା ରଖିବା ଉଚିତ ଯଦିଚ ତୁମକୁ ପ୍ରାଣବଳୀ ଦେବାକୁ ପଡ଼େ ତଥାପି ତୁମେ ଭ୍ରୁକ୍ଷେପ କରନାହିଁ ସେହି ଭଣଜା କୁହନ୍ତି କି ମୁଁ ଏହା ଅନୁଭବ କଲି ଯେ ତାଙ୍କର ଏହି ବାକ୍ୟଟି କୌଣସି ସାଧାରଣ ମନୁଷ୍ୟର ନୁହେଁ ବରଂ ଈଶ୍ୱରଙ୍କ ଦୂତଙ୍କର ବାକ୍ୟ ଅଟେ । ସେ ଅତ୍ୟନ୍ତ ସାହାସୀ ବ୍ୟକ୍ତି ଥିଲେ ଏବଂ କଲ୍‌ମାର ସୁରକ୍ଷା କର୍ତା ଓ କର୍ମୀ ଖଲିଫାଙ୍କ ପ୍ରେମୀ ଓ ନିର୍ଭୀକ ଅହେମଦୀ ମୁସଲମାନ ଥିଲେ ।

ତାଙ୍କର ଭଣଜା କୁହନ୍ତି ଯେତେବେଳେ ମୁଁ ବେଲ୍‌ଜିୟମ୍‌ରୁ ଲଣ୍ଡନ ସ୍ଥାନାନ୍ତରିତ ହେଲି ସେତେବେଳେ ରାଣା ନଇମୁଦ୍ଦିନ୍ ସାହେବ ମତେ କହିଲେ ଯେତେବେଳେ ତୁମେ ଏଠାକୁ ଆସିଛ ତେବେ ତୁମେ ଖିଲାଫତ୍‌କୁ ଜାବୁଡ଼ି ଧର ତୁମେ ଏଠାକୁ ଆସିଛ ତ କେବଳ ଖଲିଫାଙ୍କ ଯୋଗୁଁ ତେଣୁ ଖଲିଫାଙ୍କ ପ୍ରତ୍ୟେକ କଥା ଉପରେ ଲବ୍‌ବେକ୍ କହିବ ଓ ଅନ୍ୟଥା ସବୁ ବୃଥା ହୋଇଯିବ । ଏହା ମଧ୍ୟ କହିଲେ କି ନିୟମିତ ରୂପେ ନମାଜ ପାଠ କରିବ ଏବଂ ସର୍ବଦା ଅଲ୍ଲାଃ ତାଲାଙ୍କ ଶରଣ ଭିକ୍ଷା କରିବ କୌଣସି ସମସ୍ୟା ଉପୁଜୁ ନା କାହିଁକି ତୁମେ ବିଚଳିତ ହେବ ନାହିଁ ସେ ମିଥ୍ୟାବାଦୀ ଓ ମୁନାଫିକ୍ ଅର୍ଥାତ ବହୁମୁଖୀ ବ୍ୟକ୍ତି ପ୍ରତି ଅନାଶକ୍ତ ଥିଲେ । ସେ ନିଜର ଡ୍ୟୁଟିପ୍ରତି ସର୍ବଦା ଚିନ୍ତିତ ରହୁଥିଲେ ଯେତେବେଳେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଭଲ ରହୁନଥିଲା ଏବଂ ପରିବାର ଲୋକ କହୁଥିଲେ ଆଜି ବିଶ୍ରାମ କରିନିଅନ୍ତୁ ସେତେବେଳେ ସେ ତାଙ୍କ ପରିବାରବର୍ଗଙ୍କୁ କହୁଥିଲେ ନା' ମୁଁ ସୁସ୍ଥ ଅଛି ଏ ତ ମୋର ବୋନସ ର ଦିନ ଯାହା ମତେ ବାର୍ଦ୍ଧକ୍ୟରେ ପ୍ରାପ୍ତ ହୋଇଛି । ତେଣୁ ମତେ ସେବା କରିବାକୁ ଦିଅ ଏଥିରୁ ନିବୃତ ରଖନାହିଁ ।

ଇଲିଆସ୍ ମୁନୀର୍ ସାହେବ୍ ଯିଏ ଜେଲ୍‌ରେ ରାଣା ନଇମୁଦ୍ଦିନ୍ ସାହେବଙ୍କ ସାଥିରେ ଥିଲେ । ସେ ଲେଖୁଛନ୍ତି ଯେ ସେ ଜୀବନର ଏକ ଅଂଶ ରାଣା ନଇମୁଦ୍ଦିନ୍ ସାହେବଙ୍କ ସହିତ ଅତିବାହିତ କରିଛନ୍ତି ଏବଂ ଏହି ବିଦାୟ କାଳୀନ ଶେଷ ଦୃଶ୍ୟକୁ ମୁଁ ତାଙ୍କ ସହ ଭେଟିପାରିଲି ନାହିଁ ଯେଉଁଥିପାଇଁ ମୁଁ ଅତ୍ୟନ୍ତ ଦୁଃଖିତ ମୁଁ ରାଣା ସାହେବଙ୍କ ସହିତ ଦୀର୍ଘ ଦଶବର୍ଷ କାଳ ପର୍ଯ୍ୟନ୍ତ କଏଦୀ ଭାବେ କାଳାତିପାତ କରିଥିଲି । ମୁଁ ତାଙ୍କୁ ଦିନଟିଏ ମଧ୍ୟ ଧୈର୍ଯ୍ୟହରା ହୋଇଥିବାର ଦେଖିନାହିଁ । ଏପରିକି ଯେତେବେଳେ ତାଙ୍କୁ ସେନାର ଏକ ଛତ୍ରବାଦୀ ଶାସନମୁଖୀ ତରଫରୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା । ସେତେବେଳେ ମଧ୍ୟ ସେ ତାହାକୁ ଆନନ୍ଦର ସହ ସ୍ୱୀକାର କରିଥିଲେ । ସେ ଅତି କୁଟୁମ୍ବପ୍ରୀୟ ଥିଲେ ଏବଂ ତାଙ୍କର ସେହି କୁଟୁମ୍ବର ସମସ୍ତ ଛୋଟ ବୟସର ପିଲାମାନଙ୍କୁ ଯାହା ପାଖରେ କୌଣସି ଆୟର ପନ୍ଥା ନଥିଲା ସେମାନଙ୍କୁ ସାହାଯ୍ୟ କରୁଥିଲେ । ସେ ଧର୍ମ ସେବା ପ୍ରତି ଅତ୍ୟନ୍ତ ଉତ୍ସର୍ଗୀ ଥିଲେ ଏବଂ ଯମାତ୍‌ର ଆତ୍ମସମ୍ମାନ ପ୍ରତି ସର୍ବଦା ଚିନ୍ତିତ ରହୁଥିଲେ ଏବଂ ଯେତେବେଳେ ବି ସେ ଚିନ୍ତିତ ହେଉଥିଲେ ସେତେବେଳେ ସେ ଏହା କହୁଥିଲେ ଯେ, ଏହି ଅଣଅହେମଦୀମାନଙ୍କ ଉଦ୍ଦେଶ୍ୟ କିଛି ଭଲ ନୁହେଁ, ଏମାନଙ୍କ ମଧ୍ୟରେ ମନ୍ଦ ଉଦ୍ଦେଶ୍ୟ ନିହିତ ରହିଛି ଏବଂ ଏହା ଭୟାନକ । ଅଲ୍ଲାଃ ତାଲା ହିଁ ସେମାନଙ୍କ କବଳରୁ ଆମକୁ ରକ୍ଷା କରନ୍ତୁ ପୁନଶ୍ଚ ଅଲ୍ଲାଃ ତାଲା ମଧ୍ୟ ତାଙ୍କ କାମକୁ ସୁନ୍ଦରରୂପେ ସଜାଡ଼ି ଦେଉଥିଲେ । ଯାହାର ଉଦାହରଣ ହେଲା ଯେ ସେ ନିଜ ପୁତ୍ରୀମାନଙ୍କର ବିବାହ କରିପାରିଥିଲେ ଓ ଦ୍ୱିତୀୟରେ ସେ କାରାମୁକ୍ତ ହୋଇଥିଲେ ।

ଇଲିଆସ୍ ମୁନିର୍ ସାହେବ୍ ଉକ୍ତ ଘଟଣା ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଯେତେବେଳେ ବୁଲୁଓ୍ୱାଇମାନେ ଅର୍ଥାତ ଲୋକଭିଡ଼ ମସ୍‌ଜିଦ୍ ଉପରେ ଆକ୍ରମଣ କରିଥିଲେ ଓ କଲ୍‌ମା ତୟବା, ଆୟତ ଓ ଆହାଦୀସ୍ ର ସମ୍ମାନକୁ କ୍ଷୁର୍ଣ୍ଣ କଲେ ସେତେବେଳେ ମୁଁ ଏହି ଦୃଶ୍ୟକୁ କଦାପି ଭୁଲିନାହିଁ । ଯେତେବେଳେ ମୁଁ ତାଙ୍କୁ ପ୍ରଥମଥର ପାଇଁ ଦମ୍‌ଦାର୍ ଶ୍ୱରରେ ଶତୃଙ୍କୁ ଚ୍ୟାଲେଞ୍ଜ କରୁଥିବାର ଶୁଣିଥିଲି ରାଣା ସାହେବ କହିଲେ ତୁମେ କିଏ ବା କଲ୍‌ମାକୁ ଲିଭେଇବାବାଲା । ସେ କୁହନ୍ତି ଯେ ମୁଁ ତାଙ୍କୁ ପୂର୍ବରୁ କେବେ ହେଲେ ଏପରି ଉର୍ଦ୍ଦୁ କହୁଥିବାର ଶୁଣିନଥିଲି କିନ୍ତୁ ସେଦିନ ସେ ଉର୍ଦ୍ଦୁରେ କହିଥିଲେ ଓ ଅତ୍ୟନ୍ତ ଦମ୍‌ଦାର ଶ୍ୱରରେ କହିଥଲେ ଏବଂ ନିଜେ ଏକୁଟିଆ ହିଁ ତିରିଶ ଚାଳିଶି ଜଣ ଆକ୍ରମଣକାରୀଙ୍କୁ ଘଉଡ଼ାଇ ଦେଇଥିଲେ ଏବଂ ସେମାନେ ଲୁଚି ପଳାୟନ କରିଯାଇଥିଲେ । ପୁନଶ୍ଚ ଲେଖିଛନ୍ତି ଯେ, ରାଣା ସାହେବ କେବଳ କଠୋର ଭାବେ ଏହି କାର୍ଯ୍ୟ କରିନଥିଲେ ବରଂ ଯେତେବେଳେ ପୋଲିସ ଅଫିସର ପଚାରିଲା କି ତୁମେ ଗୁଳିଚାଳନ କରିଥିଲ, ସେତେବେଳେ ସେ କାଳବିଳମ୍ବ ନ କରି ଶୀଘ୍ର ତାହାକୁ ସ୍ୱୀକାର କରିଥିଲେ ଯେ, ମୁଁ ଗୁଳି ବିନିମୟ କରିଥିଲି ଏହାପରେ ତାଙ୍କୁ ଗିରଫ କରାଯାଇଥିଲା ଓ ନାନାପ୍ରକାର ଅତ୍ୟାଚାର କରାଯାଇଥିଲା ଏବଂ ତାଙ୍କୁ ଯମାତ୍‌ର ଉଚ୍ଚପଦାଧିକାରୀମାନଙ୍କର ନାନା ନାମ ନେବାପାଇଁ ବାଧ କରାଯାଇଥିଲା କିନ୍ତୁ ରାଣା ସାହେବ ପଦାଧିକାରୀଙ୍କ କଥାରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ଅର୍ଥାତ ତାଙ୍କର କଥାକୁ ସ୍ୱୀକାର କରିନଥିଲେ । ଧନ୍ୟ ସେହି ବ୍ୟକ୍ତି ଯାହାଙ୍କର ହୃଦୟ ସିଂହପରି ଯିଏ ନିଜାମେ ଯମାତ୍ ଉପରେ ଟିକିଏ ବି ଆଂଚ୍ ଆସିବାକୁ ଦେଇନଥିଲେ ଏବଂ ପ୍ରକୃତ ଘଟଣା ମଧ୍ୟ ତାହାହିଁ ଥିଲା ଯେ ପଦାଧିକାରୀଙ୍କୁ ଏହାର ତ ଜ୍ଞାନ ମଧ୍ୟ ନଥିଲା ଯେ ତାଙ୍କ ନିକଟରେ ତାଙ୍କର ବ୍ୟକ୍ତିଗତ ବନ୍ଧୁକଟିଏ ମଧ୍ୟ ଥିଲା ପୁନଶ୍ଚ ସେ ବିଶେଷ ସୈନ୍ୟ ଅଦାଲତ ଆଗରେ ମଧ୍ୟ କୌଣସି ଚାପରେ ଆସିନଥିଲେ ବଚନଗତ ଓ ଲିଖିତଗତ ନିଜର ସ୍ୱଷ୍ଟାଧି ଶକ୍ତି ବଳରେ ଦାମ୍ଭିକତା ଓ ସାହାସିକତାରେ ଏହା ସ୍ୱୀକାର କଲେ କି ସେ ହିଁ ଗୁଳି ଚଳାଇଥିଲେ । ତାଙ୍କର ଏହି ସାହାସିକତା ଓ ସ୍ୱଷ୍ଟତି ସିଲ୍‌ସିଲାର ପ୍ରତିଷ୍ଠାତାକୁ ଅକ୍ଷୁର୍ଣ୍ଣ ରଖିଥିଲା ତାଙ୍କର ଏହି ମନୋଭାବ ଥିଲା । ପରିଶେଷରେ ଅଲ୍ଲାଃ ତାଲା ତାଙ୍କୁ ସୂଚାରୁ ରୂପେ କାରାମୁକ୍ତ କରିଥିଲେ । ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କୁ ଖିଲାଫତ୍‌ର ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା ।

ପୁନଶ୍ଚ ଇଲିଆସ୍ ମୁନୀର୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ବନ୍ଦୀ ଥିବା ଅବସ୍ଥାରେ ଯେତେବେଳେ ତାଙ୍କ ବାପାଙ୍କ ନିକଟକୁ ଖଲିଫା ରାବେଙ୍କ ପତ୍ର ଆସୁଥିଲା । ତାଙ୍କ ବାପା, ସେମାନଙ୍କ ବନ୍ଦୀଥିବା ସମୟରେ ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ର:ଅଙ୍କ ଖୁତ୍‌ବା ପଠାଉଥିଲେ । ସେ ସମୟରେ ଏମ୍‌ଟିଏର ବ୍ୟବସ୍ଥା ନଥିଲା । କୌଣସି ବିଧିବିଧାନ ଆରମ୍ଭ ତ ହୋଇନଥିଲା କିନ୍ତୁ ନିୟମିତ ରୂପେ ଲିଖିତ ଖୁତ୍‌ବା ତାଙ୍କ ପିତାଙ୍କ ନିକଟକୁ ଆସୁଥିଲା । ସେ ଖୁତ୍‌ବା ଗୁଡ଼ିକର ପଂକ୍ତି ଆମପାଇଁ ଆଣି ଦେଉଥିଲେ ଓ ମୁନୀର୍ ସାହେବ୍ କୁହନ୍ତି ରାଣା ସାହେବ ମତେ ନିଜ ସାଙ୍ଗରେ ବସାଇ ଦେଉଥିଲେ ଏବଂ କହୁଥିଲେ କି ଚାଲ ଖୁତ୍‌ବା ଶୁଣିବା ଆମେ ଯେତେ ଅବଧି ପର୍ଯ୍ୟନ୍ତ ମୃତ୍ୟୁ ଦଣ୍ଡାଦେଶର କାରବରଣ ଭୋଗ କରିଥିଲୁ ସେହି ସମୟରେ କିଛି ସମୟ ପାଇଁ କଏଦୀମାନଙ୍କୁ ବାହାରକୁ ବାହାର କରାଯାଉଥିଲା ସେତେବେଳେ ଆମେ ଦୁହେଁ ଭିନ୍ନ ହୋଇ ମାନେ ଅଲଗା ହୋଇ ସେମାନଙ୍କୁ ଏକାଠି କରିବାପାଇଁ ବନ୍ଦୀଶାଳାରୁ ଫିଟାଯାଉଥିଲା ସେତେବେଳେ ସେମାନଙ୍କୁ ଯେଉଁ ସମୟ ମିଳୁଥିଲା ସେ ଖୁତ୍‌ବା ଶୁଣିବାରେ ଅତିବାହିତ କରୁଥିଲେ ଏକାଠି ବସି ଏବଂ ଆନନ୍ଦ ସହକାରେ ଖୁତ୍‌ବା ଶୁଣୁଥଲେ ।

ପୁନଶ୍ଚ କୁହନ୍ତି ଯେ, ଯେଉଁ ବାଯମାତ୍ ନମାଜ ସେମାନଙ୍କୁ ପଢ଼ିବାପାଇଁ ସୁଯୋଗ ମିଳୁଥିଲା ସେଥିପାଇଁ ସେମାନେ ଏହାର ନିୟମିତ ବ୍ୟବସ୍ଥା କରୁଥିଲେ ବରଂ ବେଳେବେଳେ ଜେଲ୍‌ରେ ପରିସ୍ଥିତି ଅନ୍ୟ ଅହେମଦୀ କଏଦୀମାନଙ୍କୁ ମଧ୍ୟ ନିଜ ସାଙ୍ଗରେ ସାମିଲ କରୁଥିଲେ । ରମ୍‌ଜାନ୍‌ର ଯେଉଁଠି ସମ୍ପର୍କ ରହିଛି ସେଠାରେ ରାଣା ସାହେବ କୁହନ୍ତି ଯେ ଆମେମାନେ ମେ, ଜୁନ୍ ଓ ଜୁଲାଇର ପ୍ରଚଣ୍ଡ ଗ୍ରୀଷ୍ମ ଋତୁରେ ମଧ୍ୟ ଜଲେ୍‌ରେ ରୋଜା ରଖୁଥିଲୁ ଏବଂ ମହୋଦୟ ରାଣା ସାହେବ ନିଜର

ବୟସାଧିକ ଓ ଜେଲ୍‌ର ନିର୍ଯ୍ୟାତନା ସ୍ୱତ୍ୱେ ସମସ୍ତ ରୋଜା ରଖୁଥିଲେ । ମୁନୀର୍ ସାହେବ୍ କୁହନ୍ତି ଯେ, ରାଣା ସାହେବ ଅସଧାରଣ ସାହାସ ଓ ଉତ୍ସାହର ନମୁନା ପଦର୍ଶନ କରୁଥିଲେ ଏବଂ ଆନନ୍ଦ ସହକାରେ ଯେକୌଣସି ପରିସ୍ଥିତିର ମୁକାବିଲା କରୁଥିଲେ । ଯେତେବେଳେ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଯାଇଥିଲା ସେତେବେଳେ ଅତ୍ୟନ୍ତ ସାହାସର ସହିତ ସେହି ସମୟକୁ ଅତିବାହିତ କରିଥିଲେ ଏବଂ ତାଙ୍କର ଏହି ସାହାସକୁ ଅନ୍ୟମାନେ ମଧ୍ୟ ଅନୁଭବ କରିଥିଲେ । ମୃତ୍ୟୁଦଣ୍ଡାଦେଶରେ ଆଦେଶମାନ ମିଳିବାପରେ ଯେଉଁଥିରେ ରାଷ୍ଟ୍ରପତି ହସ୍ତାକ୍ଷର କରିଥିଲେ, ଜେଲ୍‌ରେ ରାଣା ସାହେବ୍‌ଙ୍କ ନିକଟକୁ ଜଣେ ୱାର୍ଡ଼ନ ଆସି କହିଥିଲା ଯେ, ଭାଇ ଦେଖ ! ଏ ମିର୍ଜାଇମାନେ ବଡ଼ ବିଚିତ୍ର ଆଙ୍କୁ ଫାସୀ ଦଣ୍ଡାଦେଶର ତାରିଖ ମିଳିଯାଇଛି, ଏହା ସତ୍ୱେ ମଧ୍ୟ ସେମାନଙ୍କ ଚେହେରାରୁ କୌଣସି ଚିନ୍ତା ପ୍ରକଟ ହେଉନାହିଁ, ଯେପରି ତାଙ୍କୁ କୌଣସି ଫରକ୍ ହିଁ ପଡୁନାହିଁ ଏଭଳି ସେ ଅନେକ କିଛି କହିଗଲା ଅର୍ଥାତ ୱାର୍ଡ଼ନ । ରାଣା ସାହେବ କୁହନ୍ତି ଯେ ମୁଁ ବୁଝିଗଲି ଯେ ସେ ମତେ ଚିହ୍ନିନାହିଁ ଅତଏବ ଯେତେବେଳେ ସେ ନିଜ କଥା ସାରିଲା ରାଣା ସାହେବ ତାକୁ କହିଲେ ମୋ ଚେହେରାରେ ଉକ୍ତ ନିଷ୍ପତିର କୌଣସି ପ୍ରଭାବ ପରିଲକ୍ଷିତ ହେଉନାହିଁ ନା ଏଥିରେ ରାଣା ସାହେବ ତାଙ୍କୁ କହିଲେ ମୁଁ ମଧ୍ୟ ସେମାନଙ୍କ ପରି ଜଣେ ଅହେମଦୀ ଅଟେ । ଏହା ଶୁଣିବାପରେ ସେ ଅନ୍ଦୋଳିତ ହୋଇଗଲା

ଶେଷରେ ଚତୁର୍ଥ ଖଲିଫାଙ୍କର, ତାଙ୍କ ନିକଟକୁ ଲେଖିଥିବା ଏକ ପତ୍ରର ଆଲୋଚନା କରିଦେଉଛି ଯାହାକି ହଜୁର ରାଣା ସାହେବ୍‌ଙ୍କୁ ସେପ୍ଟେମ୍ବର ମାସ ୧୯୮୬ ମସିହାରେ ଲେଖିଥିଲେ । ଉକ୍ତ ପତ୍ରର କିଛି ଅଂଶ ଏପରି ଅଟେ କି ଆପଣଙ୍କ ନିଷ୍ଠାରେ ପରିପୂର୍ଣ୍ଣ ପତ୍ର ହସ୍ତଗତ ହେଲା । ଉଚ୍ଚ ବିଶ୍ୱାସର ସୁଦୃଢ଼ ଚଟାଣରେ ଆପଣ ଦଣ୍ଡାୟମାନ । ତାହା ଗର୍ବ କରିବା ଯୋଗ୍ୟ ଈଶ୍ୱର ପ୍ରେମୀମାନଙ୍କୁ ଉଚ୍ଚ ଆସନ ହାସଲ କରିବାପୂର୍ବରୁ ଏଭଳି ଦୁର୍ଗମ ମାର୍ଗ ଅତିକ୍ରମ କରିବାକୁ ପଡ଼ିଥାଏ । ଆପଣମାନଙ୍କ ସୌଭାଗ୍ୟତାକୁ ଦେଖି ଈର୍ଷା ହେଉଅଛି । ବୃକ୍ଷ ନିଜ ଫଳଦ୍ୱାରା ଚିହ୍ନାଯାଇଥାଏ । ଆପଣମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୃହତ ବୃକ୍ଷର ସଜୀବ ଶାଖା ସମୁହ ଓ ମଧୁର ଫଳ ଅଲ୍ଲାଃ ତାଲା ଆପଣଙ୍କୁ ନଷ୍ଟ ହେବାକୁ ଦେବ ନାହିଁ । ଯମାତ୍ ଦୁଆ କରୁଅଛି ଓ ମୋର ଦୁଆ ମଧ୍ୟ ଆପଣଙ୍କ ସାଥିରେ ଅଛି । ଆଶା କରୁଅଛି ଆପଣ ନିକଟ ବର୍ତମାନରେ ମୋର ଗୋଟିଏ ନଜମ୍ ଶୁଣିଥିବେ ଯାହାକି ମୁଁ ଲେଖିଅଛି ସେଥିରେ ଆପଣ ଓ ଆପଣଙ୍କ ପରି ନିଷ୍ଠାବାନମାନଙ୍କ ପାଇଁ ପ୍ରିତୀଭରା ରହିଛି ଓ ସଲାମ୍‌ର ବାର୍ତା ରହିଛି ଅଲ୍ଲାଃ ତାଲା ନିଜ ଦେବଦୁତ ମାନଙ୍କ ମାଧମରେ ସାହାଯ୍ୟ କରିବେ । ଶତ୍ରୁକବଳରୁ ରକ୍ଷା କରିବେ ଓ ଅଲ୍ଲାଃ ତାଲା ଆପଣଙ୍କ ସାଥିରେ ଥାଆନ୍ତୁ ଏପରି ଭାଷାରେ ଚତୁର୍ଥ ଖଲିଫା ରାଣା ସାହେବ୍‌ଙ୍କୁ ପତ୍ର ଲେଖିଥିଲେ ।

ମୁବାରକ୍ ସିଦ୍ଦିକ୍ ସାହେବ ବର୍ଣ୍ଣନା କରନ୍ତି କି, ଏକଦା ମୁଁ ତାଙ୍କୁ ତାଙ୍କ ବନ୍ଦୀ ଥିବା ସମୟର କଷ୍ଟ ଯନ୍ତ୍ରଣା କଥା ପଚାରିଲି ଏଥିରେ ସେ ହସ ହସ ମୁଖରେ କହିଲେ ଆମ ଅହେମଦୀମାନଙ୍କ ଜୀବନ ପ୍ରଭୁ ଓ ତାଙ୍କ ଖଲିଫାଙ୍କ ଆଜ୍ଞାପାଳନ ନିମନ୍ତେ ଉତ୍ସର୍ଗୀକୃତ । ତେଣୁ ମତେ କଦାପି କୌଣସି କଷ୍ଟ ଲାଗିନାହିଁ । ମୁଁ ସର୍ବଦା ପ୍ରଭୁଙ୍କ ଇଚ୍ଛାରେ ରାଜି ରହିଛି ନିଶ୍ଚିତରୂପେ ସେ ଅନ୍ତିମ ସମୟ ପର୍ଯ୍ୟନ୍ତ ଅଲ୍ଲାଃ ତାଲାଙ୍କ ଖୁସିରେ ନିଜକୁ ଢ଼ାଳିନେଇଥିଲେ । ଯେତେବେଳେ ମଧ୍ୟ ମୁଁ ତାଙ୍କ ଖବର ପଚାରୁଥିଲି ସେ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କରୁଥିଲେ । ଚିକିତ୍ସାଳୟରୁ ଆସି ପହଂଚିଯାଉଥିଲେ ଏବଂ କହୁଥିଲେ କି ମୁଁ ବର୍ତମାନ ସୁସ୍ଥ ଏବଂ ମତେ ଦୁଆ ଦେଉଥିଲେ ।

ଯେପରି କି ମୁଁ କହିଲି ତାଙ୍କୁ ଦେଖି ଡ଼ାକ୍ତରମାନେ ମଧ୍ୟ ଏଭଳି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଯାହାର ଗୋଡ଼ ମଧ୍ୟ ଫୁଲି ରହିଥିଲା ଘରୁ ବାହାରିବା ସମ୍ଭବ ନୁହେଁ କିନ୍ତୁ ସେ ଡ୍ୟୁଟିରେ ଯୋଗ ଦେଇ ଛିଡ଼ା ରହୁଛନ୍ତି । ତାଙ୍କର ଏପରି ଅବସ୍ଥା ଦେଖି ଡ଼ାକ୍ତରମାନେ ମଧ୍ୟ ଆଶ୍ଚର୍ଯ୍ୟଚକିତ ରହୁଥିଲେ ସେମାନଙ୍କୁ କଣ ଜଣା ଯେ ଆଙ୍କର ଖିଲାଫତ ପାଇଁ ଯେଉଁ ନିଷ୍ଠା ଓ ପ୍ରେମଭରା ସମ୍ପର୍କ ରହିଛି ତାହା ଖଲିଫାଙ୍କ ଆଖପାଖରେ ରହିବାର ପରିଣାମ ଅଟେ । ତାହା ତାଙ୍କୁ ଡ୍ୟୁଟି କରିବାକୁ ଟାଣି ଆଣୁଥିଲା । ମୁଁ ତାଙ୍କୁ ସର୍ବଦା ତାଙ୍କ ମୁଖମଣ୍ଡଳରେ ଅତ୍ୟନ୍ତ ପ୍ରସନ୍ନଚିତ ଏବଂ ଖଲିଫାଙ୍କ ସହ ପ୍ରୀତି ପରିଲିକ୍ଷିତ କରିଛି । ଅଲ୍ଲାଃ ତାଲା ତାଙ୍କ ସହ ପରକାଳରେ ମଧ୍ୟ ପ୍ରେମ ଓ ଭଲ ପାଇବାର ଆଚରଣ ପ୍ରଦର୍ଶନ କରନ୍ତୁ ଏବଂ ନିଜ ପ୍ରୀୟଜନମାନଙ୍କ ଗୋଡ଼ ତଳେ ସ୍ଥାନ ଦିଅନ୍ତୁ ।

ମୁଁ ତାଙ୍କୁ ପିଲାଦିନୁ ଜାଣିଛି ଯେପରି କି ଚର୍ଚ୍ଚା କଲି କି ଯେତେବେଳେ ସେ ଦ୍ୱିତୀୟ ଖଲିଫାଙ୍କ ସହ ନଖ୍‌ଲାରେ ଥିଲେ ସେତେବେଳେ ଆମେ ମଧ୍ୟ ସେଠାକୁ ଯାଉଥିଲୁ । ଗ୍ରୀଷ୍ମଅବକାସରେ ସେଠାରେ ସେ ଆମମାନଙ୍କ ସହ ବେଶ୍ ନମ୍ର ଆଚରଣ କରୁଥିଲେ । ପୁଣି ମୁଁ ଖଲିଫା ହେବାପେର ମୋ ସହିତ ତାଙ୍କ ଆଚରଣ ତ ଆହୁରି ଭିନ୍ନ ଧରଣର ଥିଲା । ଯେଭଳି କି ଆପଣ ଶୁଣିଲେ କି ଖିଲାଫତ୍ ର ସେ ଅତି ବିଶ୍ୱସ୍ତ ଥିଲେ । ଅଲ୍ଲାଃ ତାଲା ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ମଧ୍ୟ ସର୍ବଦା ସେହି ବିଶ୍ୱସ୍ତତା ଉତ୍ପନ୍ନ କରିଦିଅନ୍ତୁ ଏବଂ ନିଜ ପିତାଙ୍କ ପଦାଙ୍କ ଅନୁଶରଣ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ଆଜିକାଲିର ପରିସ୍ଥିତି ପାଇଁ ତାଙ୍କର ଯନାଜାଃ ପାଠ କରାଯାଇନାହିଁ ଏଠାରେ ଏହାର ଦୁଃଖ ମଧ୍ୟ ରହିଛି କାରଣ ପ୍ରଶାସନର କଟକଣା ରହିଛି । ଇନ୍‌ଶାଅଲ୍ଲାଃ ପରେ ତାଙ୍କର ମୁଁ ଯନାଜାଃ ପାଠ କରିଦେବି । ଶେଷରେ ପୁନଶ୍ଚ ଆଜିକାଲିର ସଂକ୍ରମଣ ସମ୍ବନ୍ଧରେ କହିବାକୁ ଚାହୁଁଛି ଯେ ଆମର କିଛି ଅହେମଦୀ ରୋଗୀ ମଧ୍ୟ ଅଛନ୍ତି ସେମାନଙ୍କ ପାଇଁ ଦୁଆ କରିବେ । ଅଲ୍ଲାଃ ତାଲା ସମସ୍ତଙ୍କୁ ଆରୋଗ୍ୟ ପ୍ରଦାନ କରନ୍ତୁ ଆମକୁ ମଧ୍ୟ ନିଜ ପ୍ରସନ୍ନନୀତ ହେବା ମାର୍ଗରେ ପରିଚାଳିତ କରନ୍ତୁ । ସଠିକ୍ ରୂପେ ତାଙ୍କ ଉପାସନା କରିବାକୁ ଓ ଭକ୍ତଙ୍କ କର୍ତବ୍ୟ ସମ୍ପାଦନ କରିବାକୁ ଆମକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଖୁବ୍ ଶୀଘ୍ର ଏହି ବିପତି ଆମଠାରୁ ଦୁରେଇ ଯାଉ । ସଂସାର ବାସୀଙ୍କୁ ମଧ୍ୟ ବୁଝିବା ଓ ଚିନ୍ତନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ କି ସେ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନନ୍ତୁ ଏବଂ ତାହାର ଉପାସନା କରିବା ଓ ଏକଶ୍ୱରବାଦକୁ ବୁଝିବାବାଲା ହୁଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କ ଉପରେ ଦୟା କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୨ର ଅବଶିଷ୍ଟାଂଶ ......*

**ନାସ୍** (ଅର୍ଥାତ ମାନବ ସମାଜର ସମ୍ରାଟ) ସ୍ୱୟଂ ଅଲ୍ଲାଃଙ୍କ ଅସ୍ତିତ୍ୱ । ଅତଏବ୍ ତାହାଙ୍କ ଶରଣରେ ଆସିବାକୁ ଚେଷ୍ଟା କର । ସେ ହେଉଛନ୍ତି ସମଗ୍ର ମାନବ ସମାଜର ସମ୍ରାଟ । ସମ୍ରାଟ ଓ ସରକାରମାନେ ମଧ୍ୟ ତାହାଙ୍କ ଅନ୍ତର୍ଗତ ପରିଚାଳିତ । ସେ ହିଁ ଏହି ସାଂସାରିକ ସମ୍ରାଟମାନଙ୍କ ଦୁଷ୍ଟାମିରୁ ଆମକୁ ବଂଚାଇ ପାରିବେ ।

ପୁଣି ଅଲ୍ଲାଃ ତାଲା ଏହା ନିର୍ଦ୍ଦେଶ ଦେଉଛନ୍ତି ଯେ ତୁମକୁ **ଇଲାହିନ୍ ନାସ୍** (ଅର୍ଥାତ ମାନବ ସମାଜର ଉପାସ୍ୟ)ଙ୍କ ଶରଣରେ ଆସିବାପାଇଁ ଚେଷ୍ଟା କରିବା ଉଚିତ ଯେ ବାସ୍ତବିକ ଉପାସ୍ୟ ହେଉଛନ୍ତି ଅଲ୍ଲାଃ । ତେଣୁ ଏ ଦୁଆ କର ଯେ ହେ ଅଲ୍ଲାଃ ! ମତେ ନିଜ ଶରଣରେ ନେଇ ଏହି ମିଥ୍ୟା ଉପାସ୍ୟମାନଙ୍କ ଉପଦ୍ରବ / ଦୁଷ୍ଟାମିରୁ ବଂଚାନ୍ତୁ ଯିଏ ନିଜ ଅସଲ ଉପାସ୍ୟଙ୍କଠାରୁ ଦୁରେଇ ଦେଇ ଏପରି ରାସ୍ତାରେ ପରିଚାଳିତ କରିବାକୁ ଚାହୁଁଛନ୍ତି, ଯେଉଁଠି ପ୍ରକାଶ୍ୟ ଶବ୍ଦରେ ଯଦିଚ ନୁହେଁ ବରଂ ବ୍ୟବହାରିକ ରୂପେ ସେମାନେ ନିଜକୁ ମାବୁଦ୍ ଅର୍ଥାତ ଈଶ୍ୱର ରୂପେ ମଣୁଛନ୍ତି ବା ସେମାନଙ୍କର ଯେଉଁ ଚେଲା ଅଛନ୍ତି, ଯେଉଁ ଏଜେଂଟମାନେ ଅଛନ୍ତି, ସେମାନେ ଏହା ଚାହୁଁଛନ୍ତି ଯେ ଅହେମଦୀମାନଙ୍କ ଉପାସନା ମଧ୍ୟ ସେମାନଙ୍କ କଥା ଅନୁସାରେ ହେଉ ବା ତାଙ୍କ ଇଚ୍ଛା ମୁତାବକ ହେଉ ଏବଂ ଏହା ହିଁ ଅହେମଦୀମାନଙ୍କ ସଙ୍ଗେ ପାକିସ୍ତାନରେ ହେଉଅଛି, ଏହିପରି ବ୍ୟବହାର ଆଉ କେତେକ ମୁସଲମାନ ଦେଶଗୁଡ଼ିକରେ ମଧ୍ୟ କରାଯାଉଅଛି । ସାଉଦି ଆରବର ସମ୍ରାଟ ମଧ୍ୟ ଏହା ଚାହୁଁଛନ୍ତି ଯେ ରବ୍ (ଅର୍ଥାତ ପାଳନକର୍ତା) ତାଙ୍କୁ ହିଁ ବନାଇ ଦିଆଯାଉ, ସମ୍ରାଟ ମଧ୍ୟ ତାଙ୍କୁ ହିଁ ବନାଯାଉ ଓ ଉପାସନା ମଧ୍ୟ ତାଙ୍କ କହିବା ଅନୁସାରେ କରାଯାଉ ।

ଇସ୍‌ଲାମ୍‌ର ବିରୋଧିମାନେ ତ ବ୍ୟବହାରିକ ଉପାସ୍ୟ ବନାଇଥିଲେ ଏବଂ ସେମାନଙ୍କୁ ବନାଇ ଏହା କହିଲେ ଯେ ଏମାନେ ମଧ୍ୟ ଈଶ୍ୱରଙ୍କର ଭାଗୀଦାରୀ ଅଟନ୍ତି କିନ୍ତୁ ସେମାନେ ଏମିତି ଶୈଳିରେ ନିଜ ପ୍ରଜାମାନଙ୍କୁ ଏପରି ଭକ୍ତ ବାନଇବାକୁ ଇଚ୍ଛା କରିଛନ୍ତି ଯେ ସେମାନେ ତାଙ୍କ ବିନା ଅନୁମତିରେ ବା ସେମାନଙ୍କ ଦ୍ୱାରା ବତାଯାଇଥିବା ଶୈଳୀବିନା ଏକ ଈଶ୍ୱରଙ୍କ ଉପାସନା ମଧ୍ୟ କରି ପାରୁନାହାନ୍ତି । ସୁତରାଂ ଯେମିତି କି ମୁଁ କହିସାରିଛି, ଏହି ପରି ସବୁ ଅହେମଦୀମାନଙ୍କ ସହିତ ବ୍ୟବହାର କରାଯାଉଅଛି ଯେ ତୁମେ ନମାଜ ପଢ଼ିପାରିବ ନାହିଁ । ମସ୍‌ଜିଦ୍‌ରେ ଅଲ୍ଲାଃ ତାଲାଙ୍କୁ ଉପାସନା କରିବାପାଇଁ ଏକାଠି ହୋଇପାରିବ ନାହିଁ । ଯେଉଁଭଳି ଆମେ ନ କହିଛୁ ଓ ଯେଉଁ ପର୍ଯ୍ୟନ୍ତ ଆମେ ନ କହିଛୁ । ଅର୍ଥାତ ଅଲ୍ଲାଃ ତାଲାଙ୍କ କଥା / ନିର୍ଦ୍ଦେଶକୁ ମାନିବ ନାହିଁ ବରଂ ସେମାନଙ୍କ ନିର୍ଦ୍ଦେଶକୁ ମାନିବ, ସାଂସାରିକ ଦୃଷ୍ଟିକୋଣରୁ ଓ ଧାର୍ମିକ ଦୃଷ୍ଟି କୋଣରୁ ମଧ୍ୟ । ତେଣୁ ଏଥିପାଇଁ ଜରୁରୀ ଯେ ଅଲ୍ଲାଃ ତାଲାଙ୍କ ଦ୍ୱାରା ପ୍ରେରୀତ ଦୂତ, ଯାହାଙ୍କୁ ଅଲ୍ଲାଃ ତାଲା ସୁବହ୍ ସାଦିକ୍ (ପ୍ରତ୍ୟୁଷ) ରୂପେ ଉଦୟ କରିଛନ୍ତି, ତାହାଙ୍କୁ ଅସ୍ୱୀକାର କର । କହିଲେଁ ଏହିଭଳି ସଙ୍କଟପୂର୍ଣ୍ଣ ସମୟରେ ପ୍ରକୃତ ଉପାସ୍ୟଙ୍କ ଆଗରେ ଆହୁରି ନତମସ୍ତକ ହୁଅ । ତାହାଙ୍କ ଶରଣରେ ଆସ ଯଦ୍ୱାରା

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

‘‘ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା’’

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

‘‘ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।’’

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ତୁମର ପ୍ରାର୍ଥନା, ତୁମର ଆତ୍ରନାଦ ଦ୍ୱାରା ଅଲ୍ଲାଃ ତାଲା ତୁମକୁ ସେହି ତଥାକଥିତ ଈଶ୍ୱରଙ୍କଠାରୁ ମୁକ୍ତି ଦେବ। ଆମକୁ ସେହି ଧାର୍ମିକ ନେତାମାନଙ୍କ ହାତରୁ ମୁକ୍ତି ଦିଅ ଯେଉଁମାନେ ନିଜ ଇଚ୍ଛା ଅନୁସାରେ ଆମର ଉପାସନାକୁ ମଧ୍ୟ ନିର୍ବାହ କରିବାପାଇଁ ଚାହୁଁଛନ୍ତି। ତେଣୁ ଆମକୁ ନିଜ ଶରଣରେ ନେଇଯାଅ।

ପୁଣି ଅଲ୍ଲାଃ ତାଲା କହୁଛନ୍ତି ଯେ **ମିନ୍ ଶର୍‌ରିଲ୍ ୱ୍ସ୍‌ୱାସିଲ୍ ଖନ୍ନାସ୍** ଅର୍ଥାତ ମୁଁ ଅଲ୍ଲାଃଙ୍କ ଶରଣ ଚାହୁଁଛି ପ୍ରତ୍ୟେକ କୁମନ୍ତ୍ରଣା ଦାତାର ଚକ୍ରାନ୍ତରୁ ଯେ ପ୍ରତ୍ୟେକ ପ୍ରକାର କୁମନ୍ତ୍ରଣା ଦେଇ ପଛକୁ ଫେରିଯାଏ। **ଅଲ୍ଲଜି ୟୁୱ୍‌ସ୍‌ୱିସୁ ଫି ସୁଦୁରିନ୍ ନାସ୍** ଅର୍ଥାତ ଯେ ମଣିଷମାନଙ୍କ ମନରେ ସନ୍ଦେହମାନ ଜାତ କରାଏ **ମେନଲ୍ ଜିନ୍ନତେ ୱ୍ନ୍ ନାସ୍** ଅର୍ଥାତ ସେ ବିଶୃଙ୍ଖଳା ସୃଷ୍ଟିକାରୀ ଅଦୃଶ୍ୟ ରହୁଥିବା ସତାମାନଙ୍କ ମଧ୍ୟରୁ ହୋଇଥାଉ କି ସାଧାରଣ ମନୁଷ୍ୟମାନଙ୍କ ମଧ୍ୟରୁ ହୋଇ ଥାଉନା କାହିଁକି। ଅତଏବ୍ ଅଲ୍ଲାଃ ତାଲାଙ୍କ ଶରଣରେ ଆସି, ସେମାନଙ୍କ ଆକ୍ରମଣରୁ ଓ ସେହି ପ୍ରକାଶ୍ୟ ଆକ୍ରମଣରୁ ମଧ୍ୟ ବଂଚାଯାଇପାରେ ଏବଂ ଅଦୃଶ୍ୟ ଆକ୍ରମଣରୁ ମଧ୍ୟ ବଂଚାଯାଇପାରେ, ମୁନାଫିକ୍ ମାନଙ୍କଠାରୁ ମଧ୍ୟ ବଂଚାଯାଇପାରେ ଓ ବାହ୍ୟ ଆକ୍ରମଣକାରୀଙ୍କଠାରୁ ମଧ୍ୟ ବଂଚାଯାଇପାରେ। ଅଲ୍ଲାଃ ତାଲା ଯେଉଁ ଦୁଆ ଶିଖାଇଛନ୍ତି, ତାହା ଏଥିଯୋଗୁଁ ଯେ ଯେତେବେଳେ ସେହି ଆକ୍ରମଣକାରୀମାନଙ୍କ ଆକ୍ରମଣ ହେବ। ଅନ୍ୟ ଶବ୍ଦରେ କହିଲେ ସେହି ସଇତାନମାନଙ୍କର ଆକ୍ରମଣ ଯେଉଁମାନେ ପ୍ରକାଶ୍ୟରେ ଆକ୍ରମଣ ମଧ୍ୟ କରୁଛନ୍ତି ଓ ଲୁଚିକରି ମଧ୍ୟ ଅଦୃଶ୍ୟଭାବେ ଆକ୍ରମଣ କରୁଛନ୍ତି, ସେତେବେଳେ ପୁଣି ତୁମେମାନେ ଅଲ୍ଲାଃଙ୍କ ଶରଣରେ ଆସିବାପାଇଁ ଚେଷ୍ଟା କର। ଏହି ଲୋକମାନେ ଲୁଚି ଲୁଚି ବିଭିନ୍ନ ପ୍ରକାରର ଆଳ ଦେଖାଇ, ଚକ୍ରାନ୍ତକାରୀ ମଧ୍ୟ ଆକ୍ରମଣ କରିବେ। ଏମାନେ ତଥା କଥିତ ବଡ଼ ବଡ଼ ୱ୍ଲେମା ହୁଅନ୍ତୁ ବା ସାଧାରଣ ଲୋକ ହୁଅନ୍ତୁ, ବା ସେମାନଙ୍କର ଚେଲା ଚାମୁଣ୍ଡା ହୁଅନ୍ତୁ। ଏମାନଙ୍କ ଦୁଷ୍ଟାମିରୁ କେବଳ ଅଲ୍ଲାଃ ତାଲାଙ୍କ ଶରଣରେ ହିଁ ଆସି ବଂଚାଯାଇପାରେ।

ପୁଣି ଯେଉଁ ସଇତାନି ଗୁଣ ରଖିଥିବା ଲୋକମାନେ ଅଛନ୍ତି ସେମାନେ ଲୋକମାନଙ୍କ ମନରେ, ସାଧାରଣ ମୁସଲମାନମାନଙ୍କ ମନରେ ମଧ୍ୟ ସଂଶୟ ସୃଷ୍ଟି କରୁଛନ୍ତି ଯେ, ଅହେମଦୀମାନେ ଏମିତି କହୁଛନ୍ତି, ସେମିତି କହୁଛନ୍ତି। ଏହିପରି ସେମାନେ କଥା କହି ଲୋକମାନଙ୍କ ଭିତରେ କୋଳାହଳ ମଚାଇ ରଖିଛନ୍ତି ଯେ, ସେ ସମ୍ବନ୍ଧରେ ଅହେମଦୀମାନେ କେବେ ଚିନ୍ତା ମଧ୍ୟ କରିନଥିବେ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ କହିଛନ୍ତି ଯେ, ଖନ୍ନାସ୍ ହେଉଛି ସଇତାନି ନାମ ମଧ୍ୟରୁ ଏକ ନାମ। ଯେତେବେଳେ ସେ ଧୋକା, ଷଡ଼ଯନ୍ତ୍ର ଓ ସଂଶୟ ସୃଷ୍ଟି କରିବାର କାର୍ଯ୍ୟ କରିଥାଏ। (ତୋହ୍‌ଫା ଗୋଲ୍‌ଡୁୱିୟା, ରୁହାନୀ ଖଜାଇନ୍ ଖଣ୍ଡ-୧୭, ପୃ-୨୭୩ ହାଶିୟା)। ଏହା ହିଁ ଆଜିକାଲି ସେମାନଙ୍କର କାମ, ଯେଉଁମାନେ ଇସ୍‌ଲାମ୍‌ର ଖୋଲାଖୋଲି ଭାବେ ଶରଣ କରୁଛନ୍ତି ଯେ ସେମାନେ ଇସ୍‌ଲାମ୍ ବିରୋଧରେ ସନ୍ଦେହ ଓ ଶଙ୍କା ସୃଷ୍ଟି କରୁଛନ୍ତି ଓ ଆମେ ଦେଖୁଛେ ଯେ ସେଥିଯୋଗୁଁ ଦୁନିଆରେ ମୁସଲମାନମାନଙ୍କ ବିରୋଧରେ ଘୃଣାଭାବ ସୃଷ୍ଟି ହେଉଅଛି। ଯଦିଚ ମୁସଲମାନମାନଙ୍କ କର୍ମ ଏଥିରେ ସାମିଲ ଅଛି ଓ ଏହି କାର୍ଯ୍ୟ ସେହି ତଥାକଥିତ ୱ୍ଲେମାମାନଙ୍କର, ଯେଉଁମାନେ ମସିହ୍ ମଉଦ୍ ଆ:ସଙ୍କୁ ଅସ୍ୱୀକାର କରିବାପାଇଁ ସର୍ବ ସାଧାରଣଙ୍କୁ ଅହେମଦୀମାନଙ୍କ ଖିଲାପରେ ଉସୁକାଇବାପାଇଁ ଭିନ୍ନ ଭିନ୍ନ ସଂଶୟ / ଶଂକା ସୃଷ୍ଟି କରୁଛନ୍ତି ଯେ ଏମାନେ (ଅର୍ଥାତ ଅହେମଦୀମାନେ) ଇସ୍‌ଲାମ୍‌କୁ ମାନୁନାହାନ୍ତି। ନଉଜୁବିଲ୍ଲାଃ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଆଁ ହଜ୍‌ରତ ସ:ଆ:ସଙ୍କଠାରୁ ବଡ଼ ବୋଲି ମଣୁଛନ୍ତି, ଉଚ୍ଚସ୍ଥାନ ଦେଉଛନ୍ତି, ଖତ୍‌ମେ ନୁବୱ୍‌ତ୍ ଉପରେ ବିଶ୍ୱାସ ନାହିଁ ଇତ୍ୟାଦି। ଆଜିକାଲି ତ ପାକିସ୍ତାନରେ ବିଶେଷରୂପେ ଏଥିରେ ବହୁତ ଧ୍ୟାନ ଦେଉଛନ୍ତି। ଅତଏବ୍ ଏପରି ପରିସ୍ଥିତିରେ ଆମକୁ ଅଲ୍ଲାଃ ତାଲା କହୁଛନ୍ତି ଯେ ତୁମେ ମୋ ଶରଣରେ ଆସିବାପାଇଁ ନିଜ କର୍ମ ଦ୍ୱାରା ମଧ୍ୟ ଚେଷ୍ଟାକର ଓ ଦୁଆ ମଧ୍ୟ କର ଯେ ଅଲ୍ଲାଃ ତାଲା ସେମାନଙ୍କ ଦୁଷ୍ଟାମିରୁ ଆମକୁ ସୁରକ୍ଷିତ ରଖନ୍ତୁ। ତେଣୁ ଏ ଯୁଗର ଦୁଷ୍ଟାମିରୁ ସୁରକ୍ଷିତ ରହିବାପାଇଁ, ବଂଚିବା ପାଇଁ, ଏକେଶ୍ୱରବାଦ ଉପରେ ତିଷ୍ଠି ରହିବାପାଇଁ ଏବଂ ଖୁଦାତାଲାଙ୍କ କୃପାକୁ ହାସଲ କରିବାପାଇଁ ବହୁ ମାତ୍ରାରେ ଦୁଆ କରିବାପ୍ରତି ଧ୍ୟାନ ଦେବା ଆବଶ୍ୟକ। ଅଲ୍ଲାଃ ତାଲା ସମସ୍ତ ଅହେମଦୀମାନଙ୍କୁ ଏହିସବୁ କଥା ଉପରେ ପରିଚାଳତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ।

ଏବେ ଦୁଆ କରିବା ପୂର୍ବରୁ ମୁଁ କେତେକ ଦୁଆ ସମ୍ବନ୍ଧରେ ମଧ୍ୟ କହିବି। ଆମେ ଏହି କଥା ଗୁଡ଼ିକୁ ଦୁଆ କରିବା ସମୟରେ ସମ୍ମୁଖରେ ରଖିବା ଉଚିତ। ସର୍ବପ୍ରଥମେ ଆମେ ଦରୁଦ୍ ଶରିଫ୍‌ରୁ ଆରମ୍ଭ କରିବା

**ସୁବ୍‌ହାନଲ୍ଲାହି ୱ୍ ବିହମ୍‌ଦିହି ୱ୍**
**ସୁବ୍‌ହାନଲ୍ଲାହିଲ୍ ଅଜିମ୍**
**ଅଲ୍ଲାହୁମ୍ମା ସ୍ୱଲ୍ଲେ ଆଲା ମୁହମ୍ମଦିନ୍ ୱ୍ ଆଲେ ମୁହମ୍ମଦିନ୍**

ଆଁ ହଜ୍‌ରତ୍ ସ:ଆ:ସଙ୍କ ବଂଶଜଙ୍କ ପାଇଁ ଦୁଆ କରନ୍ତୁ। ପୁଣି ଯେଉଁ ମୁସଲମାନମାନେ ଅଛନ୍ତି, ସେମାନେ କିପରି ବାସ୍ତବିକ ରୂପେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆଗମନର ଉଦ୍ଦେଶ୍ୟକୁ ବୁଝନ୍ତୁ ଏବଂ ଆପଣ ଆ:ସଙ୍କୁ ଗ୍ରହଣ କରନ୍ତୁ। ସମସ୍ତ ଅହେମଦୀମାନଙ୍କ ନିମନ୍ତେ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ସେମାନଙ୍କୁ ମଧ୍ୟ ପ୍ରତ୍ୟେକ ପ୍ରକାରର ଦୁଷ୍ଟାମିରୁ ସୁରକ୍ଷିତ ରଖନ୍ତୁ। ଇସ୍‌ଲାମ୍ ଜଗତପାଇଁ ଏ ଦୁଆ କରାଯାଉ ଯେ ଖୁଦା ସେମାନଙ୍କୁ ଆପୋଷରେ ଐକ୍ୟମନୋଭାବ ଓ ସହାନୁଭୁତି ଦେଖାଇବାପାଇଁ ଶକ୍ତି ଦିଅନ୍ତୁ। ଯେମିତି କି ମୁଁ କହି ସାରିଛି ଯେ ସେମାନଙ୍କର ଆପୋଷ ମତଭେଦ ଯୋଗୁଁ ଶତ୍ରୁମାନେ ଲାଭ ଉଠାଉଛନ୍ତି। କିନ୍ତୁ ଏକଥାକୁ ସେମାନେ ବୁଝିପାରୁନାହାନ୍ତି। ଅଲ୍ଲାଃ ତାଲାଙ୍କର ବ୍ୟବହାରକୁ ଦେଖି ମଧ୍ୟ ସେମାନେ ଅଲ୍ଲାଃ ତାଲାଙ୍କ ପ୍ରତି ଲେଉଟିବା ପାଇଁ ଚେଷ୍ଟା କରୁନାହାନ୍ତି। ଖୁଦା କରନ୍ତୁ ଯେ ଏମାନେ ଅଲ୍ଲାଃ ତାଲାଙ୍କୁ ଚିହ୍ନନ୍ତୁ। ଅଲ୍ଲାଃ ତାଲାଙ୍କ ଆଗରେ ନତମସ୍ତକ ହୋଇ, ତୌବାଃ କରି ତାହାଙ୍କ କରୁଣା ଚାହନ୍ତୁ।

ନିଜାମେ ଯମାତ୍ ଆଲମ୍‌ଗୀର୍ (ଅନ୍ତର୍ଜାତିକ ଯମାତି ବ୍ୟବସ୍ଥା) ପାଇଁ ଏବଂ ଆନ୍ତର୍ଜାତୀୟ ସମସ୍ତ ପୁରୁଷ ଓ ମହିଳମାନଙ୍କ ପାଇଁ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ସେମାନେ ସମସ୍ତଙ୍କୁ ସୁରକ୍ଷିତ ରଖନ୍ତୁ, ପ୍ରତ୍ୟେକ ପ୍ରକାର ବିଶୃଙ୍ଖଳାରୁ ବଂଚାନ୍ତୁ, ଦୃଢ଼ପଦ ରଖନ୍ତୁ, ଯମାତି ବ୍ୟବସ୍ଥା ସହିତ ପ୍ରତ୍ୟେକଙ୍କୁ ଯୋଡ଼ି ରଖନ୍ତୁ। ପୁଣି ସେହିପରି ଯମାତି ବ୍ୟବସ୍ଥାରେ ଯେଉଁ ୱ୍ହ୍‌ଦାଦାରମାନେ ଅଛନ୍ତି ଏବଂ ସାଧାରଣ ଅହେମଦୀମାନେ ଅଛନ୍ତି (ଅର୍ଥାତ ଯାହାଙ୍କ ନିକଟରେ ଯମାତ୍‌ର କୌଣସି ସେବାକାର୍ଯ୍ୟର ଦାୟିତ୍ୱ ନାହିଁ) କିନ୍ତୁ ଜଣେ ଅହେମଦୀ ହେବା ଦୃଷ୍ଟିକୋଣରୁ ସେମାନେ ୱ୍ହ୍‌ଦାଦାରମାନଙ୍କର ସମ୍ମାନ କରନ୍ତୁ। ୱ୍ହ୍‌ଦାଦାର୍‌ମାନେ ନିଜର ପଦବୀକୁ କେବଳ ପଦବୀ ବୋଲି ଭାବି ବସିଯାଆନ୍ତୁ ନାହିଁ ବରଂ ବାସ୍ତବିକ ତାହାର ହକ୍ (ଅଧିକାର)କୁ ନିର୍ବାହ କରିବାବାଲା ହୁଅନ୍ତୁ। ଏ ବର୍ଷ ନୂଆ ନିର୍ବାଚନ ମଧ୍ୟ ହେଉଅଛି। ବିଭିନ୍ନ ସ୍ଥାନରେ ନୂଆ ୱ୍ହ୍‌ଦାଦାର୍‌ମାନେ ଚୟନ ହେଉଛନ୍ତି। ଅଲ୍ଲାଃ ତାଲା ଏପରି ୱ୍ହ୍‌ଦାଦାର୍‌ମାନଙ୍କୁ ଯମାତ୍ ଗୁଡ଼ିକରେ ଚୟନ କରାନ୍ତୁ ଯେଉଁମାନେ ବାସ୍ତବିକ ଅଲ୍ଲାଃ ତାଲାଙ୍କ ଭୟ ରଖିଥିବେ ଏବଂ ନିଶ୍ୱାର୍ଥପର ହୋଇ କାମ କରୁଥିବେ ଏବଂ ସେବାମନ ବୃତି ନେଇ ପ୍ରତ୍ୟେକ ଅହେମଦୀମାନଙ୍କର ହକ୍‌କୁ ନିର୍ବାହ ମଧ୍ୟ କରୁଥିବେ।

ଦଜ୍ଜାଲ୍‌ର ଫିତ୍‌ନା (ଚକ୍ରାନ୍ତ)ରୁ ବଂଚିବାପାଇଁ ଦୁଆ କରନ୍ତୁ। ଖୁଦାତାଲା ସେମାନଙ୍କ ଚାଲାକି ଏବଂ ବିପଦପୂର୍ଣ୍ଣ ଯୋଜନାରୁ ଆମକୁ ବଂଚାଇ ରଖନ୍ତୁ। ସେମାନଙ୍କ ଖରାପ ଚକ୍ରାନ୍ତରୁ ଆମକୁ ବଂଚାନ୍ତୁ। ଏ ବିପଦ ମଧ୍ୟ ବଢ଼ି ଚାଲିଛି ଓ ଯୁଦ୍ଧର ବିପଦ ମଧ୍ୟ ବଢ଼ିଚାଲିଛି। ଅଲ୍ଲାଃ ତାଲା ଏ ପୃଥିବୀବାସୀଙ୍କୁ ବୁଦ୍ଧି ଦିଅନ୍ତୁ ଓ ଯୁଦ୍ଧର ଭୟାଭୟ ପରିଣତିରୁ ପୃଥିବୀବାସୀଙ୍କୁ ସୁରକ୍ଷିତ ରଖନ୍ତୁ। ଇସ୍‌ଲାମ୍ ଓ ଅହମଦୀୟତ୍‌ର ପ୍ରଚାର ପ୍ରସାର ପାଇଁ ଦୁଆ କରନ୍ତୁ। ଆମେ ବାସ୍ତବିକ ରୂପେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଆବିର୍ଭାବ ଉଦ୍ଦେଶ୍ୟକୁ ଅର୍ଥାତ ସତ୍‌ମାର୍ଗର ପ୍ରଚାର ପ୍ରସାର ପୂର୍ଣ୍ଣ କରିବା, ଏହାର ହକ୍‌କୁ ନିର୍ବାହ କରିବା ପାଇଁ ଅଲ୍ଲାଃ ତାଲା ଆମକୁ ଅବସର ଦିଅନ୍ତୁ।

ଶୋହଦାଏ ଅହେମଦୀୟତ୍ (ଅର୍ଥାତ ଯେଉଁ ଅହେମଦୀମାନେ ଶହିଦ୍ ହୋଇଛନ୍ତି ସେମାନଙ୍କ) ପାଇଁ ଏବଂ ସେମାନଙ୍କ ନିକଟ ସମ୍ପର୍କୀୟମାନଙ୍କ ପାଇଁ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ସେମାନଙ୍କର ସୁରକ୍ଷା କରନ୍ତୁ ଏବଂ ପ୍ରତ୍ୟେକ ପ୍ରକାରର ଅସୁବିଧାରୁ ସେମାନଙ୍କୁ ବଂଚାନ୍ତୁ। ଅସିରାନେ ରାହେ ମୌଲା (ଅର୍ଥାତ ଅଲ୍ଲାଃଙ୍କ ମାର୍ଗରେ ଜେଲଦଣ୍ଡ ଭୋଗୁଥିବା ଅହେମଦୀମାନଙ୍କୁ) ଶିଘ୍ର ମୁକ୍ତି ମିଳିବା ପାଇଁ ଦୁଆ କରନ୍ତୁ। ସେମାନଙ୍କ ଛତ୍ର ଛାୟାରୁ ଅସ୍ଥାୟୀ ରୂପେ ବଂଚିତ ଥିବା ସେମାନଙ୍କ ସ୍ତ୍ରୀ ପିଲାମାନଙ୍କ ପାଇଁ ଦୁଆ କରନ୍ତୁ। ଅଲ୍ଲାଃ ତାଲା ସେମାନଙ୍କ ଖୁସି ସେମାନଙ୍କୁ ଫେରାଇ ଦିଅନ୍ତୁ। ପୁଣି ବ୍ୟକ୍ତିଗତଭାବେ ଯେଉଁ ଲୋକମାନେ ବିଭିନ୍ନ ପ୍ରକାରର ଅସୁବିଧାରେ ପଡ଼ିଛନ୍ତି, ସେମାନଙ୍କ ପାଇଁ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ସେମାନଙ୍କ ଅସୁବିଧାକୁ ଦୁର କରନ୍ତୁ। ସବୁ ପ୍ରକାରର ରୋଗରୁ ଆରୋଗ୍ୟ ପ୍ରଦାନ କରନ୍ତୁ। ଯେଉଁ ଲୋକମାନେ, ତାଙ୍କର ନିଜର ମୂର୍ଖତା ଯୋଗୁଁ କରଜର ବୋଝତଳେ ଦବି ରହିଛନ୍ତି, ଅଲ୍ଲାଃ ତାଲା ସେମାନଙ୍କ ଉପରେ ମଧ୍ୟ କୃପା କରନ୍ତୁ। ଏହି ପ୍ରକାରର ପ୍ରତ୍ୟହ ଚିଠି ମିଳୁଛି, ଅଲ୍ଲାଃ ତାଲା ସେମାନଙ୍କର ସବୁ ଅସୁବିଧାକୁ ଦୂର କରନ୍ତୁ।

ଯେଉଁମାନେ ରାଜନୈତିକ ଅତ୍ୟାଚାରରୁ ସମ୍ମୁଖିନ ହୋଇଛନ୍ତି ବା ଜାତୀୟ ବିଦ୍ୱେଷଭାବର ଶିକାର ହେଉଛନ୍ତି, ସେମାନଙ୍କ ପାଇଁ ଦୁଆ କରନ୍ତୁ। ଏବେ ତ ଆରବ ଦେଶରେ ମଧ୍ୟ ଅଲ୍ଲାଃଙ୍କ କୃପାରୁ ଯେଉଁଭଳି ଅହେମଦୀୟତ୍ ପ୍ରଚାର ପ୍ରସାର କରୁଅଛି, ସେଥି ସକାଶେ ମଧ୍ୟ ସେମାନଙ୍କୁ ଧର୍ମୀୟ ଅତ୍ୟାଚାରର ଶୀକାର ହେବାକୁ ପଡୁଛି, ଓ କେତେକ କାରାବାସ ଓ ଦଣ୍ଡ ମଧ୍ୟ ଭୋଗୁଛନ୍ତି, ସେମାନଙ୍କ ପାଇଁ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ସେମାନଙ୍କୁ ଶିଘ୍ର ମୁକ୍ତି ପ୍ରଦାନ କରନ୍ତୁ। ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷର ଯେଉଁମାନେ ଆର୍ଥିକ ସଙ୍କଟର ସମ୍ମୁଖିନ ହେଉଛନ୍ତି, ସେମାନଙ୍କ ପାଇଁ ଦୁଆ କରନ୍ତୁ। ପୁଣି ଅନେକ ସ୍ୱାମୀ ସ୍ତ୍ରୀ ମାନଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଛି, ସେଥିରୁ ମୁକ୍ତି ପାଇବା ପାଇଁ ଦୁଆ କରନ୍ତୁ। ଏହି ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ଅଲ୍ଲାଃ ତାଲା ପୁରୁଷ ଓ ମହିଳା, ଦୁଇଜଣଙ୍କୁ ସୁବୁଦ୍ଧି ଦିଅନ୍ତୁ ଯେ ସେମାନେ ନିଜ ଘରକୁ ସମ୍ଭାଳନ୍ତୁ। ବିଧାବ ଓ ଅନାଥମାନଙ୍କ ଅଧିକାର ପାଇଁ ଏବଂ ଅଧିକାରରୁ ବଂଚିତ ଲୋକମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ।


**ହଦିସ୍ ନବୱି ସ:ଆ:ସ**

"ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ"

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ: Majlis Lajna Imaillah,*
*Jamat Ahmadiyya, Kerang (Odisha)*



**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

"ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ। ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ। ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି।"

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

*ତାଲିବେ ଦୁଆ: Hawa Bibi & Family,*
*Jamat Ahmadiyya, Kerang (Odisha)*



**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

"ଆମର ସମସ୍ତ ୱ୍ହ୍‌ଦାଦାର୍ ଯେକୌଣସି ସ୍ତରର ୱ୍ହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ। ସଲାମ କରିବାରେ ଆଗୁଆ ହୁଅନ୍ତୁ। ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ।"

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

*ତାଲିବେ ଦୁଆ: Majlis Lajna Imaillah,*
*Jamat Ahmadiyya, Pankal (Odisha)*

ଯେଉଁ ଝିଅପିଲାମାନଙ୍କର ବିଭାଘର ବିଳମ୍ବ ହେଉଛି, ସେଥିଯୋଗୁଁ ସେମାନଙ୍କର ବାପାମାଆମାନେ ବହୁତ ବ୍ୟତିବ୍ୟସ୍ତ ହେଉଛନ୍ତି, ସେମାନଙ୍କ ପାଇଁ ଦୁଆ କରନ୍ତୁ । ନିଃସନ୍ତାନ ମାନଙ୍କ ପାଇଁ, ଛାତ୍ରୀଛାତ୍ରମାନଙ୍କ ପାଇଁ, ଯେଉଁମାନେ ପରୀକ୍ଷା ଦେଉଛନ୍ତି ସେମାନଙ୍କ ତରଫରୁ ଦୁଆ ନିମନ୍ତେ ଚିଠି ମିଳୁଛି ଓ ଆଜିକାଲି ପରୀକ୍ଷା ମଧ୍ୟ ଚାଲିଛି, ସମସ୍ତଙ୍କୁ ନିଜ ଦୁଆଂରେ ମନେରଖନ୍ତୁ । ବେରୋଜଗାର ଲୋକମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ସବୁ କାରୋବାରୀ (ବେପାରୀ) ଲୋକଙ୍କ ପାଇଁ ଦୁଆ କରନ୍ତୁ, ମଜୁରୀଆ ଭାଇମାନଙ୍କ ପାଇଁ ଦୁଆ କରନ୍ତୁ । ସେହିଭଳି ବିଭିନ୍ନ ପେଶାରେ ଲୋକମାନେ ଅଛନ୍ତି, ଜମିଦାର ଅଛନ୍ତି, ସେମାନଙ୍କ ପାଇଁ ଦୁଆ କରନ୍ତୁ । ବିଭିନ୍ନ ମୋକଦ୍ଦମାରେ (କେଶ୍‌ରେ) ଫସି ରହିଥିବା ଲୋକମାନଙ୍କ ପାଇଁ ଦୁଆ କରନ୍ତୁ ।

କାଦିଆନ୍‌ର ଦରୱେଶ୍‌ମାନଙ୍କ ପାଇଁ, ରବ୍‌ୱାର ବାସିନ୍ଦାମାନଙ୍କ ପାଇଁ କରନ୍ତୁ ଯେ ଅଲ୍ଲାଃ ତାଲା ସେଠାକୁ ଯାଆଆସ କରିବାର ରାସ୍ତା ଖୋଲନ୍ତୁ । ଲଣ୍ଡନରୁ ଇସ୍‌ଲାମାବାଦ ହଜ୍‌ରତ୍ ହେବା ଯୋଗୁଁ ମସ୍‌ଜିଦ୍ ଫଜଲ୍ ଇଲାକାରେ ରହୁଥିବା ଲୋକମାନେ କୋଳାହଳ କରୁଛନ୍ତି ଯେ ଆମେ ଏବେ ଅଲଗା ହୋଇଯାଇଛୁ, ବହୁତ ଦୁଃଖିତ, ଶୁନ୍‌ଶାନ୍ ହୋଇଯାଇଛି ଆମେ ଉଦାସ୍ ହୋଇଯାଇଛୁ । ଏବେ ସେମାନେ ରବ୍‌ୱାରେ ରହୁଥିବା ଲୋକମାନଙ୍କର କଥା କାହିଁକି ଭାବୁନାହାନ୍ତି, ଯେଉଁମାନେ ବିଗତ ୩୫ ବର୍ଷ ହେବ ନିରାଶାରେ ବସିଛନ୍ତି ଯେ କେବେ ପରିସ୍ଥିତି ସୁଧୁରିବ ଓ ଖଲିଫା ସେଠାକୁ ଲେଉଟି ଯିବେ । ତେଣୁ ସେମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ।

ଇସ୍‌ଲାମ୍ ନାଆଁରେ ଅତ୍ୟାଚାରିତ ଲୋକମାନଙ୍କ ପାଇଁ ଦୁଆ କରନ୍ତୁ । ସେମାନଙ୍କ ମଧ୍ୟରେ ସର୍ବପ୍ରଥମେ ଯମାତ୍ ଅହେମଦୀୟାର ସଦସ୍ୟମାନେ ଅଛନ୍ତି । କିନ୍ତୁ ଏମାନଙ୍କ ବ୍ୟତିତ ବହୁତ ଲୋକ ଏପରି ଅଛନ୍ତି ଯେଉଁମାନେ ଅତ୍ୟାଚାରିତ, ସେ ସମସ୍ତଙ୍କ ପାଇଁ ଦୁଆ କରନ୍ତୁ । ଇସ୍‌ଲାମ୍ ଜଗତ ପାଇଁ ଦୁଆ କରନ୍ତୁ । ମୁଁ ପ୍ରଥମେ ମଧ୍ୟ କହିସାରିଛି ଯେ ସେମାନେ ବହୁତ ସମସ୍ୟାର ସମ୍ମୁଖିନ ହେଉଛନ୍ତି ଏବଂ ଦଜ୍ଜାଲ ତାଙ୍କ ଉପରେ କବ୍‌ଜା କରିଚାଲିଛି । ସେମାନଙ୍କ ପାଇଁ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ସେମାନଙ୍କୁ ନୂର୍ (ଜ୍ୟୋତି) ପ୍ରଦାନ କରନ୍ତୁ ଓ ତାହା ସେମାନଙ୍କୁ ସିଧା ମାର୍ଗରେ ପରିଚାଳିତ କରିବା ପାଇଁ ଶକ୍ତି ଦେଉ, ଯାହା ବିନା ସେମାନଙ୍କର ମୁକ୍ତି ମିଳିବା କଷ୍ଟ ଏବଂ ସାଧାରଣ ଭାବେ ସମସ୍ତ ଦୁଃଖ ଦରିଦ୍ର ମଣିଷମାନଙ୍କ ପାଇଁ ଦୁଆ କରନ୍ତୁ । ଯମାତ୍‌ର ପରୀକ୍ଷା ଦେବାର ଯୁଗ ଶେଷ ହେବାପାଇଁ ବିଶେଷ ରୂପେ ଦୁଆ କରନ୍ତୁ ।

ପୁଣି ତହ୍‌ରିକ୍-ଏ-ଜଦିଦ୍ ଓ ୱକଫ୍-ଏ-ଜଦିଦ୍ ଏବଂ ଅନ୍ୟାନ୍ୟ ମାଲି ତହ୍‌ରିକାତ୍‌ରେ କୁର୍‌ବାନୀ କରିଥିବା ନିଷ୍ଠାବାନ ବ୍ୟକ୍ତିଙ୍କ ପାଇଁ ଦୁଆ କରନ୍ତୁ । ସେହି ଲୋକମାନଙ୍କର ସୂଚୀ ମିଳୁଅଛି ଯେଉଁମାନେ ଚେଷ୍ଟା କରି ନିଜ ନିଜ ଚାନ୍ଦା ପଇଠ କରିଛନ୍ତି । ପୁଣି ଯମାତ୍ ଅହେମଦୀୟାରେ ନିୟୋଜିତ ପୁରୁଷ ଓ ମହିଳା କର୍ମୀମାନଙ୍କ ପାଇଁ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ସେମାନଙ୍କୁ ଏହାର ପୁରସ୍କାର ପ୍ରଦାନ କରନ୍ତୁ । ଏମିଟିଏ ରେ ସାରା ଦୁନିଆରେ କାର୍ଯ୍ୟରତ କର୍ମୀମାନଙ୍କ ପାଇଁ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ସେମାନଙ୍କୁ ଏହାର ସୁଫଳ ପ୍ରଦାନ କରି ଏହି ପୂଣ୍ୟ କାର୍ଯ୍ୟରେ ତିଷ୍ଠି ରହି ଆହୁରି ଅଧିକା ସେବା କରିବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆଫ୍ରିକା, ଆମେରିକା, କାନାଡ଼ା, ଇଣ୍ଡୋନେସିଆ ଓ ଜର୍ମାନୀରେ ମଧ୍ୟ ଏମ୍‌ଟିଏ ର କାର୍ଯ୍ୟଧାରା ଚାଲିଛି । ସମସ୍ତଙ୍କୁ ଅଲ୍ଲାଃ ଶକ୍ତି ଦିଅନ୍ତୁ ଯେ ସେମାନେ ବିଭିନ୍ନ ଭାଷାରେ କାର୍ଯ୍ୟ କରି ଇସ୍‌ଲାମ୍‌ର ବାସ୍ତବିକ ବାର୍ତାକୁ ଶିଘ୍ର ଶିଘ୍ର ଲୋକମାନଙ୍କ ନିକଟରେ ପହଂଚାନ୍ତୁ । ସେମାନଙ୍କ ଚେଷ୍ଟାରେ ଅଲ୍ଲାଃ ବରକତ୍ ଦିଅନ୍ତୁ ।

ବିଭିନ୍ନ ପ୍ରକାରର ଦୁର୍ଘଟଣାରେ ପଡ଼ିଥିବା ଲୋକମାନଙ୍କ ପାଇଁ ଦୁଆ କରନ୍ତୁ ।

**ଅଲ୍ଲାଃ ହୁମ୍ମା ସ୍ୱଲ୍ଲି ଆଲାମ ମୁହମ୍ମଦିନ୍ ୱ ଆଲା ଆଲେ ମୁହମ୍ମଦିନ୍ କମା ସ୍ୱଲ୍ଲୈତା ଆଲା ଇବ୍‌ରାହିମା ୱ ଆଲା ଆଲେ ଇବ୍‌ରାହିମା ଇନ୍ନକା ହମିଦୁନ୍ ମଜିଦ୍ । ଅଲ୍ଲାଃ ହୁମ୍ମା ବାରିକ୍ ଆଲା ମୁହମ୍ମଦିନ୍ ୱ ଆଲା ଆଲେ ମୁହମ୍ମଦିନ୍**

## ଜକାତ୍ ଏକ ମହତ୍ୱପୂର୍ଣ୍ଣ କର୍ତବ୍ୟ ଏହାର ପଇଠ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

ପବିତ୍ର ରମ୍‌ଜାନ୍ ମାସ ଆରମ୍ଭ ହୋଇଯାଇଛି । ଏହି ବୈଭବପୂର୍ଣ୍ଣ ମାସରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ନିତିବାଣୀ ମୁତବାକ ବୈକୁଣ୍ଠର ଦ୍ୱାରକୁ ଖୋଲି ଦିଆଯାଇଥାଏ ଓ ନର୍କର ଦ୍ୱାରକୁ ବନ୍ଦ କରିଦିଆଯାଏ । କାରଣ ଏହା ହେଉଛି ସେହି ବାବର୍‌କତ୍ ମାସ ଯେଉଁଥିରେ ମୋମିନ୍‌କୁ ଅଧିକରୁ ଅଧିକ ଅମ୍ଲରେ ବିଲ୍ ମାରୁଫ୍ (ଅର୍ଥାତ ପୂଣ୍ୟକର୍ମ)କୁ କରିବାପାଇଁ ଅବସର ମିଳିଥାଏ । ଯାହା ମାଧ୍ୟମରେ ସେମାନେ ଅଲ୍ଲାଃ ତାଲାଙ୍କ ସାନ୍ନିଧ ହାସଲ କରି ଅସୁମାରୀ କରୁଣା ଓ ବୈଭବର ଉତରାଧିକାରୀ ହୋଇଥାନ୍ତି । ଏବଂ ଏହା ହିଁ ସେହି ବାବାର୍‌କତ୍ ମାସ ଯେଉଁଥିରେ ଆମ ପ୍ରୀୟ ମୁନୀବ ସୟଦନା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ବହୁଳଭାବେ ନା କେବଳ ଉପାସନା କରୁଥିଲେ ବରଂ ବହୁଳଭାବେ ନିଜର ଧନକୁ ଅଲ୍ଲାଃ ତାଲାଙ୍କ ରାସ୍ତାରେ ଖର୍ଚ୍ଚ କରୁଥିଲେ । ତେଣୁ ଆମ ମଧ୍ୟରୁ ପ୍ରତ୍ୟେକ ଅହେମଦୀ ମୁସଲମାନର ଏ କର୍ତବ୍ୟ ଯେ ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଦର୍ଶ ଉପରେ ପରଚାଳିତ ହୋଇ ନା କେବଳ ନିଜ ଉପାସନାରେ ତିବ୍ରତା ସୃଷ୍ଟି କରିବା ବରଂ ତତ୍‌ସହିତ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବାପାଇଁ ମଧ୍ୟ ନିଜ ପାଦକୁ ଆଗକୁ ବଢ଼ାଇବା ।

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ ପବିତ୍ର କୁର୍‌ଆନ୍‌ରେ ନମାଜ ସହିତ ଜକାତ୍‌ର ନିର୍ଦ୍ଦେଶ ରହିଛି । ତେଣୁ ସେହି ସମସ୍ତ ପୁରୁଷ ଓ ମହିଳାମାନେ, ଯେଉଁମାନେ ଜକାତ୍ ଦେବାପାଇଁ ଯୋଗ୍ୟ, ସେମାନଙ୍କୁ ଅନୁରୋଧ କରାଯାଉଅଛି ଯେ ଏହି ମହତ୍ୱପୂର୍ଣ୍ଣ କର୍ତବ୍ୟକୁ ନିର୍ବାହ କରିବା ପ୍ରତି ଧ୍ୟାନ ଦିଅନ୍ତୁ ।

ଜକାତ୍ ହେଉଛି ଇସ୍‌ଲାମ୍‌ର ଏକ ମୂଳ ସ୍ତମ୍ଭ, ଯାହା ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ପାଇଁ ଧାର୍ଯ୍ୟ ଅଟେ । ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି: "ହେ ସମସ୍ତ ଲୋକମାନେ ! ଯେଉଁମାନେ ନିଜକୁ ମୋ ଯମାତ୍‌ରେ ଗଣନା କରୁଅଛ, ଆକଶରେ ତୁମେ ସେତେବେଳେ ମୋ ଯମାତ୍ ରୂପେ ଗଣା ହେବ ଯେତେବେଳେ ପ୍ରକୃତରେ ଧର୍ମପରାୟଣତାର ମାର୍ଗରେ ତୁମେ ପାଦ ଥାପିବ । ତେଣୁ ନିଜ ପାଂଚବେଳା ନମାଜକୁ ଏପରି ଭୟ ଓ ବିନମ୍ରତାର ସହିତ ପାଠକର ଯେପରି ତୁମେ ଖୁଦାତାଲାଙ୍କୁ ଦେଖୁଅଛ ଏବଂ ନିଜ ରୋଜାକୁ ଖୁଦାଙ୍କ ପାଇଁ ନିଷ୍ଠାର ସହିତ ପୂରଣ କର । ପ୍ରତ୍ୟେକ ଯିଏ ଜକାତ୍ ଦେବାପାଇଁ ଯୋଗ୍ୟ ସେ ଜକାତ୍ ଦେଉ" ।

***(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୫)***

ଗହଣାଗାଣ୍ଠିର ଜକାତ୍ ବିଷୟରେ ସୟଦନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ: "ଯେଉଁ ଗହଣାଗୁଡ଼ିକ ପିନ୍ଧା ଯାଉଅଛି ଓ ବେଳେବେଳେ ଗରୀବ ମହିଳାମାନଙ୍କୁ ବ୍ୟବହାର କରିବାପାଇଁ ଦିଆଯାଉଅଛି, ଏ ସମ୍ବନ୍ଧରେ କେତେକ ଏ ଫତ୍‌ୱା ଦେଉଛନ୍ତି ଯେ ଏହାର କୌଣସି ଜକାତ୍ ନାହିଁ । ଯେଉଁ ଗହଣାଗୁଡ଼ିକୁ ପିନ୍ଧାଯାଏ ଓ ଅନ୍ୟ ଲୋକଙ୍କୁ ବ୍ୟବହାର କରିବାପାଇଁ ଦିଆନଯାଏ. ଏଥିରେ ଜକାତ ଦେବା ଶ୍ରେୟସ୍କର କି ତାହା ନିଜ ପାଇଁ ବ୍ୟବହାର କରାଯାଇଥାଏ । ଏହା ଉପରେ ଆମ ଘରର ଲୋକେ ଅମଳ (କର୍ମ) କରିଥାନ୍ତି । ପ୍ରତିବର୍ଷ ବର୍ଷ ପୂରଣ ହେବାରେ ମହଜୁଦ ଥିବା ଗହଣା ଜକାତ ଦେଇଥାନ୍ତି । ଯେଉଁ ଗହଣାକୁ ଟଙ୍କା ପରି ଜମା ରଖାଯାଇଥାଏ, ତାହାର ଜକାତ୍ ଦେବାରେ କାହାର ମଧ୍ୟ ଆପତି ନାହିଁ ।

***(ଅଲ୍‌ହକମ୍ ୧୭ ନଭେମ୍ବର ୧୯୦୫, ପୃ-୧୧)***

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ କହୁଛନ୍ତି ଯେ "ମନେରଖିବା ଉଚିତ ଯେ ଏହି ଟ୍ୟାକ୍ସ ଯାହାକୁ ଜକାତ୍ କୁହାଯାଏ, ଏହା ଆମଦାନି ଉପରେ ନୁହେଁ ବରଂ ମୁଳଧନ ଓ ଲାଭ ସବୁକୁ ମିଶାଇ ତା'ଉପରେ ଲଗାଯାଏ । ଏହିପରି ଅଢ଼େଇ ପ୍ରତିଶତ ବାସ୍ତବିକ ବେଳେ ବେଳେ ଲାଭର ପଚାଶ ପ୍ରତିଶତ ହୋଇଯାଇଥାଏ ।"

***(ଅହେମଦୀୟତ୍ ଅର୍ଥାତ ବାସ୍ତବିକ ଇସ୍‌ଲାମ୍, ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୮, ପୃ-୩୦୬)***

ଗହଣା ଏବଂ ନଗଦ ଟଙ୍କାର ନିସାବ (ମାପ) ଜକାତ୍ ସମ୍ବନ୍ଧରେ ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି ଯେ: "ରୁପା ପାଇଁ ରୁପା ଓ ସୁନା ପାଇଁ ସୁନା ର ନିସାବ (ମାପ) ହେବ ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଯୁଗରେ ହଜୁର ସ:ଆ:ସ ନିଜେ ପ୍ରଚଳନ କରାଇଥିଲେ । ଯେଉଁଠି ନଗଦ ଟଙ୍କାର ନିସାବ ଜକାତ ଦେବା କଥା ଉଠୁଛି, ତେବେ ବର୍ତମାନ ପୃଥିବୀର ଅଧିକାଂଶ ଦେଶ ସୁନାକୁ ଅର୍ଥର ମାପଦଣ୍ଡ ରୂପେ ଆପଣାଇଛନ୍ତି । ତେଣୁ ନଗଦ ଟଙ୍କାର ଜକାତ ପାଇଁ ମଧ୍ୟ ସୁନାକୁ ହିଁ ମାପଦଣ୍ଡ ଆକାରରେ ବୁଝାଯିବ" ।

***(ହଜୁର ଅନ୍‌ୱର ଅ:ବ:ଅଙ୍କ ସଦର୍ ସାହେବ ମଜ୍‌ଲିସ୍ ଇଫ୍‌ତାଅଙ୍କ ୨୪ ଚିଠି)***

ଆଁ ହଜ୍‌ରତ୍ ସ:ଆ:ସ ରୁପା ପାଇଁ ସାଢ଼େ ବାଉନ (୫୨.୫) ଭରି ଓ ସୁନା ପାଇଁ ସାଢ଼େ ସାତ ଭରି (୭.୫) ନିସାବ (ମାପଦଣ୍ଡ) ଧାର୍ଯ୍ୟ କରିଛନ୍ତି ।

*ଯାହା ନିକଟରେ ସାଢ଼େ ବାଉନ (୫୨.୫) ଭରି ରୁପା ମହଜୁଦ୍ ଅଛି ଓ ତାଙ୍କୁ ରଖିବାର ଏକ ବର୍ଷ ବିତିଯାଏ ତେବେ ତା ଉପରେ ୧/୪୦ ଭାଗ ଅର୍ଥାତ ଅଢ଼େଇ ପ୍ରତିଶତ ଜକାତ ଦେବା ଧାର୍ଯ୍ୟ ଅଟେ ।

ସେହିପରି ଯାହା ନିକଟରେ ସାଢ଼େ ସାତ (୭.୫) ଭରି (୮୭ ଗ୍ରାମ) ସୁନା ମହଯୁଦ୍ ଥାଏ ବା ତାହା ସମ ନଗଦ ଅର୍ଥ ମହଜୁଦ୍ ଥାଏ ଓ ପୁଣି ଏକ ବର୍ଷ ବିତିଯାଏ, ତା'ଉପରେ ମଧ୍ୟ ମାପ ମୁତାବକ ୧/୪୦ ଭାଗ ଅର୍ଥାତ ଅଢ଼େଇ ପ୍ରତିଶତ ଜକାତ ଦେବା ଫର୍ଜ (ଧାର୍ଯ୍ୟ) ଅଟେ ।

*ଜକାତ ବାବଦରେ ଅସୁଲ କରାଯାଇଥିବା ସମସ୍ତ ଅର୍ଥରାଶିକୁ ମର୍କଜକୁ ପଠାଇବା ଜରୁରୀ ।

ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ମହତ୍ୱପୂର୍ଣ୍ଣ କର୍ତବ୍ୟକୁ ନିର୍ବାହ କରିବାପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଯମାତ୍‌ର ସମସ୍ତ ସଦସ୍ୟମାନଙ୍କ ଧନ ଓ ଜନରେ ବରକତ୍ ପ୍ରଦାନ କରନ୍ତୁ । ଆମିନ୍ ।

***(ନାଜିର୍ ବୟତୁଲ୍ ମାଲ୍ ଆମଦ୍ କାଦିୟାନ୍)***

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

## ସଦକତୁଲ୍ ଫିତର୍ ପଇଠ କରିବା

ଅଲ୍‌ହମ୍‌ଦୁ ଲିଲ୍ଲାଃ ପବିତ୍ର ରମ୍‌ଜାନ୍ ମାସ ଏପ୍ରିଲ୍‌ର ଶେଷ ଭାଗରେ ଆରମ୍ଭ ହେଉଅଛି । ଇସ୍‌ଲାମ୍‌ର ଫିତ୍‌ରାନା ପଇଠ କରିବା ପାଇଁ ଏକ ସାଆ ଶସ୍ୟ (ଯାହା ଊଣା ଅଧିକେ ୨ କିଲୋ ୭୫୦ ଗ୍ରାମ ସହିତ ସମାନ ହୋଇଥାଏ) ର ଶରହ୍ (ମାପ) ଧାର୍ଯ୍ୟ କରାଯାଇଅଛି । ଯମାତ୍‌ର ସଦସ୍ୟମାନେ ସମ୍ପୂର୍ଣ୍ଣ ଶରହ୍ ଅନୁସାରେ ପବିତ୍ର ରମ୍‌ଜାନ୍ ମାସର ପ୍ରଥମ ବା ଦ୍ୱିତୀୟ ଦଶକ ମଧ୍ୟରେ ସଦକତୁଲ୍ ଫିତର୍ ପଇଠ କରିବା ପାଇଁ ଚେଷ୍ଟା କରନ୍ତୁ । ଯେହେତୁ ଭାରତର ପ୍ରତ୍ୟେକ ରାଜ୍ୟର ଶସ୍ୟ (ଗହମ, ଚାଉଳ)ର ମୁଲ୍ୟ ଅଲଗା ଅଲଗା ରହିଥାଏ ସେଥିଯୋଗୁଁ ନିଜ ସ୍ଥାନୀୟ ମୂଲ୍ୟ ଅନୁସାରେ ଧାର୍ଯ୍ୟ କରାଯାଇଥିବା ଶରହ୍ ( ୨ କିଲୋ ୭୫୦ ଗ୍ରାମ ଶସ୍ୟ) ମୁତାବକ ଫିତ୍‌ରାନାର ରାଶି/ଅର୍ଥ ପଇଠ କରନ୍ତୁ ।

ପଞ୍ଜାବ ପ୍ରଦେଶ ପାଇଁ ଏ ବର୍ଷ ମୁଣ୍ଡ ପିଛା ସଦକତୁଲ୍ ଫିତର୍‌ର ଅର୍ଥରାଶି ପଂଚାବନ (୫୫/-) ଟଙ୍କା ଧାର୍ଯ୍ୟ କରାଯାଇଅଛି । ସ୍ଥାନୀୟ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ଥିବା କ୍ଷେତ୍ରରେ ସଦକତୁଲ୍ ଫିତର୍‌ର ମୋଟ ଅର୍ଥରାଶିରୁ ନବେ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥରାଶି ମଜ୍‌ଲିସ୍ ଆମେଲାର ପରାମର୍ଶ ଓ ଫଏସଲା ପରେ ବଂଟା ଯାଇ ପାରିବ । ବାକି ଅର୍ଥରାଶିକୁ ମର୍କଜ୍‌ରେ ଯମା କରିବାକୁ ହେବ । ଯେଉଁ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ନଥିବେ ସେହି ଯମାତ୍‌ରୁ ଅସୁଲ୍ କରାଯାଇଥା ସମସ୍ତ ଅର୍ଥରାଶି ସଦର୍ ଅଞ୍ଜୁମନ୍ ଅହ୍‌ମଦୀୟାର ଯମାତି ଆକାଉଁଟ୍‌ରେ ଡ଼ିପୋଜିଟ୍ ହେବା ଉଚିତ । ସ୍ୱଷ୍ଟ ହେଉ କି ଫିତ୍‌ରାନାର ଅର୍ଥରାଶି ମସ୍‌ଜିଦ୍ ଇତ୍ୟାଦିର ଆବଶ୍ୟକ କାର୍ଯ୍ୟରେ ଖର୍ଚ୍ଚ କରିବାର ଅନୁମତି ନାହିଁ ।

## ଇଦ୍ ଫଣ୍ଡ

ଏହି ଚାନ୍ଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରୁ ପ୍ରଚଳନ । ଏହି ଫଣ୍ଡର ଉଦ୍ଦେଶ୍ୟ ଏହା ଥିଲା କି ଯେଉଁଠି ଖୁସି ଓ ଆନନ୍ଦ ଅବସରରେ ମଣିଷ ନିଜର ଖୁସି ପାଇଁ ପୋଷାକ, ଖାଦ୍ୟପେୟ ଏବଂ ଦାଓ୍ୱତ (ନିମନ୍ତ୍ରଣ) ଇତ୍ୟାଦିରେ ଅନେକ ଖର୍ଚ୍ଚ କରୁଛି, ଅନ୍ୟମାନଙ୍କୁ ଉପହାର ମଧ୍ୟ ଦେଉଛି ସେଠି ଏହି ଖୁସି ସମୟରେ ଦୀନ (ଧର୍ମ)ର ଆବଶ୍ୟକତାକୁ ମଧ୍ୟ ମନେରଖୁ । ଅହେମଦୀମାନେ ତ ବୟତ୍‌ରେ ଏ ପ୍ରତିଜ୍ଞା କରିଛନ୍ତି ଯେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବେ । ତେଣୁ ପ୍ରତ୍ୟେକ ଅହେମଦୀଙ୍କଠାରୁ ଏ ଆଶା କରାଯାଉଅଛି ଯେ ସେ ଖୁସି ଓ ଆନନ୍ଦର ଉତ୍ସବ ଅବସରରେ ଧର୍ମର ଆବଶ୍ୟକତାକୁ ନିଶ୍ଚିତ ରୂପେ ମନେରଖୁ । ଏହି ଉଦ୍ଦେଶ୍ର ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରେ ଏହି ଖାତାରେ ରୋଜଗାରକ୍ଷମ ଅହେମଦୀ ମୁଣ୍ଡ ପିଛା ଏକଟଙ୍କା ଦେଉଥିଲେ । ଏବେ ଯେହେତୁ ଏକ ଟଙ୍କାର ସେଭଳି ମୂଲ୍ୟ ନାହିଁ, ତେଣୁ ତାହା ଏକ ଟଙ୍କା ମଧ୍ୟରେ ସୀମିତ ରଖିବା ପରିବର୍ତ୍ତେ ନିଜ ସାମର୍ଥ୍ୟ ମୁତାବକ ପଇଠ କରାଯାଉ । ତେଣୁ ଏ ପ୍ରସ୍ତାବ ରଖାଗଲା ଯେ ଇଦ୍ ଦିନ ସାଧାରଣତଃ ଯେତିକି ଖର୍ଚ୍ଚ କରାଯାଉଅଛି, ତାହାର ଅଧା ଅର୍ଥରାଶି ଏହି ଖାତାରେ ପଇଠ କରାଯାଉ । ଇଦ୍ ଫଣ୍ଡର ଅର୍ଥରାଶି ଇଦ୍ ପୂର୍ବରୁ ଯେକୌଣସି ସମୟରେ ପଇଠ କରାଯାଇପାରେ । ଏହା ହେଉଛି ମର୍କଜି ଚାନ୍ଦା ତେଣୁ ସବୁତକ ଅର୍ଥ ସଦର୍ ଅଞ୍ଜୁମନ୍ ଅହେମଦୀୟାର ଖଜାନାରେ ଜମା ହେବା ଜରୁରୀ । ଏହି ଅର୍ଥରାଶି ସ୍ଥାନୀୟ ଯମାତ୍‌ରେ ଖର୍ଚ୍ଚ କରିବାକୁ ଅନୁମତି ନାହିଁ ।

***(ନାଜିର ବୟତୁଲ୍ ମାଲ୍ ଆମଦ୍ କାଦିଆନ୍)***

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## M.Sc. Physics + B.Ed ଶିକ୍ଷକ ଆବଶ୍ୟକ

ସଦର ଅଞ୍ଜୁମନ୍ ଅହେମଦୀୟାନ୍ ଅନ୍ତର୍ଗତ ନିଜାରତ୍ ତାଲିମ୍‌ରେ ଜଣେ ପ୍ରାର୍ଥୀ ଆବଶ୍ୟକ । ନିମ୍ନଲିଖିତ ବିବରଣୀ ମୁତାବକ ଇଚ୍ଛୁକ ପ୍ରାର୍ଥମାନଙ୍କୁ ଏତେଲା ଦିଆଯାଉଅଛି ଯେ:-

❃ ପ୍ରାର୍ଥଙ୍କ ଶିକ୍ଷାଗତ ଯୋଗ୍ୟତା UGC ଦ୍ୱାରା ମଞ୍ଜୁରପ୍ରାପ୍ତ ଯେକୌଣସି ୟୁନିଭରସିଟିରୁ M.Sc. Physics + B.Ed ରେ ପଚାଶ ପ୍ରତିଶତ ନମ୍ବର ହେବା ଉଚିତ । ❃ କୌଣସି ସିନିୟର ସେକେଣ୍ଡାରୀ କ୍ଲାସ୍‌ରେ ଅତିକମ୍‌ରେ ଦୁଇବର୍ଷ ପଦାର୍ଥ ବିଜ୍ଞାନ ପଢ଼ାଇବାର ଅନୁଭବ ଥିବ । ❃ ପ୍ରାର୍ଥୀଙ୍କ ବୟସ ୨୨ ରୁ ୩୭ ବର୍ଷ ମଧ୍ୟରେ ହୋଇଥିବ । ❃ ସେହି ପ୍ରାର୍ଥୀଙ୍କୁ Interview ପାଇଁ ଡ଼କାଯିବ ଯିଏ ମର୍କଜି କମିଟି ବରାଏ ପ୍ରାର୍ଥୀ ଚୟନଙ୍କ ତରଫରୁ ନିଆଯାଇଥିବା ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହେବେ । ❃ ଲିଖିତ ପରୀକ୍ଷା ଏବଂ ରେ Interview ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ ପେଶ୍ କରିବାକୁ ହେବ । ❃ Interview ରେ ଯୋଗଦେବା ପାଇଁ ପ୍ରାଥୀଙ୍କୁ କାଦିୟାନ୍‌ର ଯାତାୟାତ ଓ ମେଡ଼ିକାଲ୍‌ର ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ ହେବ । ❃ ଚୟନ ହେବା ସ୍ଥଳେ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ । ❃ ସାପ୍ତାହିକ ବଦର୍‌ରେ ଘୋଷଣା କରାଯିବାର ଦୁଇ ମାସ ପରେ ପରୀକ୍ଷାର ତାରିଖ ସମ୍ବନ୍ଧରେ ସୁଚିତ କରାଇ ଦିଆଯିବ । ❃ ଉପର ବର୍ଣ୍ଣିତ ପୋଷ୍ଟ ପାଇଁ ବିବରଣୀ ଫର୍ମ ନଜାରତ୍ ଦିଓ୍ୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାର୍ଯ୍ୟକାରୀ ହେବ ।

## ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ ଶିକ୍ଷକଙ୍କ ଆବଶ୍ୟକ ଅଛି

ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ କାମ ଶିକ୍ଷା ଦେଉଥିବା Instructor, ପ୍ରଥମ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ଅଛି । ଦାରୁଲ୍ ସନାଅତ୍ ବିଭାଗରେ ସାରା ଭାରତରୁ ଆସିଥିବା ଶିକ୍ଷାର୍ଥୀମାନଙ୍କୁ ଏୟାରକଣ୍ଡିସନ୍ କାମ Practial ଏବଂ Theory ଶିକ୍ଷାଦାନ କରିବା ତାଙ୍କର ଦାୟିତ୍ୱ ହେବ । ❃ ପ୍ରାର୍ଥୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ମେଟ୍ରିକ୍ ପାସ ହୋଇଥିବ ଓ ସମ୍ବନ୍ଧୀୟ ବିଭାଗରେ ଅତିକମ୍‌ରେ NSIC/ITI ବା ତା ବରାବର୍ ଡ଼ିପ୍ଲୋମା/ କୋର୍ସ କରିଥିବେ । ❃ ଜନ୍ମ ତାରିଖ ପାଇଁ ଜନ୍ମ ପ୍ରମାଣପତ୍ର ସାର୍ଟିଫିକେଟର ନକଲ କପି ଦେବା ଜରୁରୀ ହେବ । ❃ ପ୍ରାର୍ଥୀଙ୍କ ପାଇଁ ଏହା ଜରୁରୀ ଯେ ସେ ଛାତ୍ରମାନଙ୍କୁ Theory ପଢ଼ାଇ ପାରୁଥିବେ ଏବଂ Practical ମଧ୍ୟ ଭଲ ଶୈଳୀରେ Demonstrate କରିପାରୁଥିବେ । ❃ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ Interview ରେ ପାସ୍ ହେବେ । Interview ପାଇଁ କାଦିୟାନ୍ ଯିବା ଆସିବାର ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । Interview ରେ ସଫଳ ହୋଇଥିବା ପ୍ରାର୍ଥୀ ନିଜେ ରହିବାର ବ୍ୟବସ୍ଥା କରିବେ । ❃ ସେହି ପ୍ରାର୍ଥୀଙ୍କୁ ସେବା କରିବାର ସୁଯୋଗ ମିଳିବ ଯିଏ ନୂର୍ ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ । ❃ ପ୍ରାଥୀଙ୍କ ପାଇଁ ନିଜାରତ୍ ଦିଓ୍ୱାନ୍ ତରଫରୁ ଜାରି କରାଯାଇଥିବା ଫର୍ମ, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜନ୍ମ ତାରିଖର ସରକାରୀ ସାର୍ଟିଫିକେଟ୍, ଆଧାର କାର୍ଡ଼ ଓ ଜମାତି IND Card ର ଫୋଟକପି ସାଙ୍ଗରେ ଆଣିବା ଜରୁରୀ ହେବ । ❃ ଦରଖାସ୍ତ ଫର୍ମ ନିଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ଙ୍କଠାରୁ ହାସଲ କରିପାରିବେ । ଏହି ଏଲାନ୍ (ଘୋଷଣା)ର ତିନି ମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧ୍ୟାନ ଦିଆଯିବ । ❃ ଇଚ୍ଛୁକ ପ୍ରାର୍ଥୀ ନିଜର ଦରଖାସ୍ତ ଛପାଯାଇଥିବା ଫର୍ମ ଉପରେ ନିଜର ସଦର ଯମାତ୍ / ମୁବଲ୍ଲିଗ୍ ଇନ୍‌ଚାର୍ଜ / ଜିଲ୍ଲା ଅମୀରଙ୍କ ତସ୍‌ଦକି ଦସ୍ତଖତ ମୋହର ସହିତ ନିମ୍ନଲିଖିତ ଠିକଣାରେ ପଠାଇପାରିବେ । ❃ Interview ସମୟରେ ନିଜର ଅସଲ ସାର୍ଟିଫିକେଟଗୁଡ଼ିକୁ ସାଥିରେ ଆଣିଥିବେ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**

**Email: diwan@qadian.in, 01872-501130, 9646351280, 9464066686**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 21 May 2020 Issue No. 21

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

**କମା ବାରକ୍ତା ଆଲା ଇବ୍ରାହିମା ୱ୍ୱ ଆଲା ଆଲେ ଇବ୍ରାହିମା ଇନ୍ନକା ହମିଦୁନ୍ ମଜିଦ୍ ।**

ଆଜିକାଲି ଏ ଦୁଆ ମଧ୍ୟ ବହୁଳଭାବେ କରନ୍ତୁ:

**ଅଲ୍ଲାହୁମ୍ମା ଇନ୍ନା ନଜ୍‌ଆଲୁକା ଫି ନୁହୁରିହିମ୍ ୱ୍ୱ ନଉଜୁବିକା ମିନ୍ ଶୁରୁରିହିମ୍**
(ସୁନନେ ଅବୁ ଦାଉଦ୍....... ହଦିସ୍ ୧୫୩୭)

ଅର୍ଥାତ: ହେ ଅଲ୍ଲାଃ ! ଆମେ ତୁମକୁ ସେମାନଙ୍କ ହୃଦୟ ଭିତରେ ରଖୁଅଛୁ ଅର୍ଥାତ ତୁମର ରୋବ୍ ସେମାନଙ୍କ ମନରେ ପ୍ରଭାବିତ କରୁ ଓ ଆମେ ସେମାନଙ୍କ ଦୁଷ୍ଟାମିରୁ ସୁରକ୍ଷିତ ରହୁ ।

**ଲା ଇଲାହା ଇଲ୍ଲଲ୍ଲାହୁଲ୍ ଅଜିମୁଲ୍ ହଲିମ୍ ଲା ଇଲାହା ଇଲ୍ଲଲ୍ଲାହୁ ରବ୍‌ବୁଲ୍ ଅର୍‌ଶିଲ୍ ଅଜିମ୍ ଲା ଇଲାହା ଇଲ୍ଲଲ୍ଲାହୁ ରବ୍‌ବୁ ସମାୱ୍ୱାତି ୱ୍ୱ ରବ୍‌ବୁଲ୍ ଅରଜି ୱ୍ୱ ରବ୍‌ବୁଲ୍ ଅର୍‌ଶିଲ୍ କରିମ୍**
*(ସହି ବୁଖାରୀ....... ହଦିସ୍ ୬୩୪୬)*

ପୁଣି ଏକ ଦୁଆ ଏପରି ଅଛି, ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କର

**ଅଲ୍ଲାହୁମ୍ମା ଇନ୍ନି ଅସ୍‌ଅଲୁକା ହୁବ୍‌ବକା ୱ୍ୱ ହୁବ୍‌ବା ମଇଁ ୟୁହିବ୍‌ବୁକା ୱ୍ୱଲ୍ ଅମଲାଲ୍ ଲଜି ୟୁବଲ୍ଲିଗୁନି ହୁବ୍‌ବକା ଅଲ୍ଲାହୁମ୍ମଜ୍ ଅଲ୍ ହୁବ୍‌ବକା ଅହବ୍‌ବା ଇଲୈୟା ମିନ୍ ନଫ୍‌ସି ୱ୍ୱ ଅହ୍‌ଲି ୱ୍ୱ ମିନଲ୍ ମାଆଇଲ୍ ବାରିଦ୍ ।**
*(ସୁନନେ ତିର୍‌ମିଜି........ ହଦିସ୍ ୩୪୯୦)*

ଅର୍ଥାତ: ହେ ଅଲ୍ଲାଃ ! ମୁଁ ତମୁଠାରୁ ତୁମର ପ୍ରେମ ମାଗୁଛି ଏବଂ ସେହି ଲୋକମାନଙ୍କର ପ୍ରେମ ମାଗୁଛି ଯେଉଁମାନେ ତୁମକୁ ପ୍ରେମ କରୁଛନ୍ତି ଏବଂ ଏପରି କାର୍ଯ୍ୟର ପ୍ରେମ ଯାହା ମତେ ତୁମକୁ ପ୍ରେମ କରିବା ପର୍ଯ୍ୟନ୍ତ ପହଂଚାଇ ଦେବ ହେ ମୋର ଖୁଦା ! ଏପରି କରିଦିଅ ଯେ ତୁମକୁ ଭଲ ପାଇବା ମତେ ମୋ ଜୀବନଠାରୁ, ପରିବାରଠାରୁ ଏବଂ ଶିତଳ ମିଠା ପାଣିଠାରୁ ଅଧିକା ପ୍ରୀୟ ଓ ଭଲ ଲାଗୁ ।

ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କର ଏକ ଦୁଆ ରହିଛି:

**ୟା ମୁକଲ୍ଲବୁଲ୍ କୁଲୁବି ସବ୍‌ବିତ୍ କଲ୍‌ବି ଅଲା ଦୀନିକା**
*(ସୁନନେ ତିର୍‌ମିଜି..... ହଦିସ୍ ୨୧୪୦)*

ଅର୍ଥାତ: ହେ ହୃଦୟକୁ ପରିବର୍ତନ କରିବାବାଲା ! ମୋ ହୃଦୟକୁ ନିଜ ଧର୍ମ ଉପରେ ଦୃଢ଼ପଦ ରଖ ।

ପୁଣି ଏକ ଦୁଆ ଆଁ ହଜ୍‌ରତ୍ ସ:ଆ:ସ ପାଠ କରୁଥିଲେ:-

**ଅଲ୍ଲାହୁମ୍ମା ଲା ତକ୍‌ତୁଲ୍‌ନା ବିଗଜବିକା ୱ୍ୱଲା ତୁହ୍‌ଲିକ୍‌ନା ବିଅଜାବିକା ୱ୍ୱ ଆଫିନା କବ୍‌ଲା ଜାଲିକା**
*(ସୁନନେ ତିର୍‌ମିଜ୍....... ହଦିସ୍ ୩୪୫୦)*

ଅର୍ଥାତ:- ହେ ଅଲ୍ଲାଃ ତୁମେ ଆମକୁ ତୁମ କ୍ରୋଧ ଦ୍ୱାରା ନିଶେଷ କରିଦିଅ ନାହିଁ, ତା'ପୂର୍ବରୁ ଆମକୁ ବଂଚାଇ ଦିଅ ।

ପୁଣି ଆପଣ ସ:ଆ:ସଙ୍କର ଆଉ ଏକ ଦୁଆ ଏପରି ରହିଛି:-

**ଅଲ୍ଲାହୁମ୍ମା ଇନ୍ନି ଅଉଜୁବିକା ମିନ୍ ଜୱ୍ୱାଲେ ନେମତିକା ୱ୍ୱ ତହ୍‌ୱ୍ୱିଲି ଆଫିୟତିକା ୱ୍ୱ ଫୁଜାଅତି ନିକ୍‌ମତିକା ୱ୍ୱ ଯମିଇ ସଖତିକା**
*(ସହି ମୁସ୍‌ଲିମ୍...... ହଦିସ୍ ୨୭୩୯)*

ଅର୍ଥାତ:- ହେ ଅଲ୍ଲାଃ ! ମୁଁ ତୁମର ପୁରସ୍କାର ନଷ୍ଟ ହୋଇଯିବାରୁ ତୁମ ଆଶ୍ରୟ ହଟିଯିବାରୁ, ତୁମର ଅଚାନକ ଦଣ୍ଡରୁ ଏବଂ ସେହି ସମସ୍ତ ବିଷୟଗୁଡ଼ିକୁ ଶରଣ ଭିକ୍ଷା କରୁଅଛି ଯାହା ଦ୍ୱାରା ତୁମେ ନାରାଜ୍ ହେଉଥିବ ।

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ ଯେ ଆଜିକାଲି ଆଦମ୍‌ଙ୍କ ଦୁଆ ପଢ଼ିବା ଉଚିତ । ଏହି ଦୁଆ ପ୍ରଥମରୁ ହିଁ ଗ୍ରହଣୀୟ ହୋଇସାରିଛି । ଅର୍ଥାତ ଏହି ଗ୍ରହଣୀୟ ହେବାର ଦୁଆ ଅଲ୍ଲାଃ ଶିଖାଇଥିଲେ ।

**ରବ୍‌ବନା ଜଲମ୍‌ନା ଅନ୍‌ଫୁସନା ୱ୍ୱ ଇଲ୍ ଲମ୍ ତଗ୍‌ଫିର୍‌ଲନା ୱ୍ୱ ତର୍‌ହମ୍‌ନା ଲନକୁନନ୍ନା ମିନଲ୍ ଖାସିରିନ୍**
(ଆରାଫ୍: ୨୪)
*(ମଲ୍‌ଫୁଜାତ୍ ଖଣ୍ଡ-୪, ପୃ-୨୭୫)*

ଅର୍ଥାତ: ହେ ଆମର ପାଳନକର୍ତା ! ଆମେ ନିଜେ ନିଜ ଉପରେ ଅତ୍ୟାଚାର କରିଅଛୁ; ଏବଂ ଯଦି ତୁମେ ଆମମାନଙ୍କୁ କ୍ଷମା ନ କରିବ ଓ ଆମମାନଙ୍କ ପ୍ରତି କରୁଣା ନ କରିବ, ତେବେ ଆମେମାନେ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବୁ ।

ପୁଣି ଏକ ଦୁଆକୁ ହଜ୍‌ରତ୍ ନୱ୍ୱାବ୍ ମୁବାରକାଃ ବେଗମ୍ ସାହିବା ର:ଅ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦେହାନ୍ତ ପରେ ସ୍ୱପ୍ନରେ ଦେଖିଥିଲେ ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ମୋ ଯମାତ୍‌କୁ ଏହି ଦୁଆ ବହୁତ ପଢ଼ିବା ଉଚିତ ଏବଂ ସେମାନଙ୍କୁ ଏହି ଦୁଆ ପଢ଼ିବାପାଇଁ କହିଦିଅ । ଯେ:-

**ରବ୍‌ବନା ଲା ତୁଜିଗ୍ କୁଲୁବନା ବାଆଦା ଇଜ୍ ହଦଇତନା ୱ୍ୱହବ୍‌ଲନା ମିଲ୍‌ଲଦୁନ୍‌କା ରହ୍‌ମତନ୍ ଇନ୍ନକା ଅନ୍‌ତଲ୍ ୱ୍ୱଲାବ୍**
(ଆଲେ ଇମ୍‌ରାନ୍ : ୯)

ଅର୍ଥାତ:- ହେ ଆମମାନଙ୍କ ପାଳନକର୍ତା ! ତୁମେ ଆମମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟିଳ କର ନାହିଁ; ଏବଂ ତୁମ୍ଭ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର; ବାସ୍ତବରେ ତୁମ୍ଭେ ହିଁ ମହାନ୍ ଦାତା ।
*(ଉଦ୍ଧୃତ ତହ୍‌ରିରାତେ ମୁବାରକାଃ, ପୃ-୩୦୬.......... ପାକିସ୍ତାନ)*

ବିଶେଷରୂପେ ଆଜିକାଲି ପୃଥିବୀରେ ଯେଉଁ ପରିସ୍ଥିତି ଉପୁଜିଛି ସେଥିରେ ମଣିଷ ଆକ୍ରାନ୍ତ ହୋଇ ଫିତ୍‌ନାରେ ପଡ଼ିପାରେ ତେଣୁ ବିଶେଷ ଦୁଆ କରିବା ଉଚିତ ।

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହା ମଧ୍ୟ କହିଛନ୍ତି ଯେ: ଆମ ଯାମତ୍‌ର ଲୋକମାନେ ପ୍ରତ୍ୟେକ ନମାଜର ଶେଷ ରେକାତ୍‌ରେ ରୁଜୁ କରିବା ପରେ ନିମ୍ନ ଲିଖିତ ଦୁଆ ବହୁଳଭାବେ ପାଠ କରିବା ଉଚିତ ।

**ରବ୍‌ବନା ଆତିନା ଫିଦ୍‌ଦୁନୟା ହସନତନ୍ ୱ୍ୱ ଫିଲ୍ ଆଖିରତି ହସନତନ୍ ୱ୍ୱକିନା ଅଜାବନ୍ ନାର୍**
*(ବକ୍‌ରାଃ: ୨୦୨) (ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୯)*

ଅର୍ଥାତ:- ହେ ଆମମାନଙ୍କ ପାଳନକର୍ତା ! ତୁମ୍ଭେ ଆମମାନଙ୍କୁ (ଏହି) ପୃଥିବୀରେ ସଫଳତା ପ୍ରଦାନ କର ଓ ପରକାଳରେ (ମଧ୍ୟ) ସଫଳତା ପ୍ରଦାନ କର ଏବଂ ଆମମାନଙ୍କୁ ନରକାଗ୍ନି ଶାସ୍ତିରୁ ରକ୍ଷାକର ।

ପୁଣି ଆପଣ ଆ:ସଙ୍କ କେତେକ ଐଶ୍ୱରୀକ ଦୁଆମାନ ରହିଛନ୍ତି, ସେଥିମଧ୍ୟରୁ ଗୋଟିଏ ହେଉଛି ଏହା, ଯାହାକୁ ଆପଣ ପଢ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି:-

**"ରବ୍‌ବନା ଇନ୍ନା ସମିଅନା ମୁନାଦିୟଇଁ ୟୁନାଦି ଲିଲ୍ ଇମାନି ରବ୍‌ବନା ଆମନ୍ନା ଫକ୍‌ତୁବ୍‌ନା ମାଆଶ୍ ଶାହିଦୀନ୍"**
*(ତଜ୍‌କରାଃ, ପୃ-୧୯୭ ଚତୁର୍ଥ ଏଡ଼ିଶନ୍)*

ଅର୍ଥାତ:- ହେ ଆମର ପାଳନକର୍ତା ! ଆମେମାନେ ନିଶ୍ଚୟ ଜଣେ ଏପରି ଆହ୍ୱାନକାରୀଙ୍କୁ ବିଶ୍ୱାସ କରିବା ସକାଶେ ଡ଼ାକିବାର ଶୁଣିଅଛୁ; (ତେଣୁ) ହେ ଆମମାନଙ୍କର ପାଳନକର୍ତା ! ଆମେ ତାହାଙ୍କ ଉପରେ ବିଶ୍ୱାସ କରିଅଛୁ । ସୁତରାଂ ତୁମ୍ଭେ ଆମମାନଙ୍କୁ ମଧ୍ୟ ସାକ୍ଷୀମାନଙ୍କ ମଧ୍ୟରେ ତାଲିକାଭୁକ୍ତ କରିନିଅ ।

ପୁଣି ଆପଣ ଆ:ସଙ୍କର ଏଲ୍‌ହାମୀ ଦୁଅ ରହିଛି, ତାହାର ଅନୁବାଦ ଏଠାରେ ପାଠ କରୁଅଛି ଯେ:-

ହେ ଆମର ପାଳନକର୍ତା ! କ୍ଷମା ଆଚରଣ କର ଏବଂ ଆକାଶରୁ କରୁଣା ପ୍ରଦାନ କର । ହେ ଆମର ପାଳନକର୍ତା ! ମତେ ଏକାକି ଛାଡ଼ିଦିଅ ନାହିଁ ଏବଂ ତୁମେ ହେଉଛ ଉତମ ଉତରାଧିକାରୀ । ହେ ଆମର ପାଳନକର୍ତା ! ମୁହମ୍ମଦଙ୍କ ଉମ୍ମତ କୁ ସୁଧାରକର । ହେ ଆମର ପାଳନ କର୍ତା ! ଆମ ମଧ୍ୟରେ ଓ ଆମ କୌମ ମଧ୍ୟରେ ସଚ୍ଚା ଫଏସଲା କରିଦିଅ ଏବଂ ତୁମେ ସମସ୍ତ ନିଷ୍ପତିକାରୀଙ୍କଠାରୁ ଉତମ ଅଟ ।
*(ତଜ୍‌କରାଃ, ପୃ-୧୯୬-୧୭୯, ଏଡ଼ିଶନ୍ ୪)*

ପୁଣି ଗୋଟିଏ ଆପଣ ଆ:ସଙ୍କର ଏଲ୍‌ହାମି ଦୁଆ ରହିଛି:-

**"ୟା ରବ୍‌ବି ଫସ୍‌ମଅ ଦୁଆଇ ୱ୍ୱ ମଜିକ୍ ଆଦାଅକା ୱ୍ୱ ଆଦାଇ ୱ୍ୱ ଅନ୍‌ଯିଜ୍ ୱ୍ୱଅଦକା ୱ୍ୱନ୍‌ସୁର୍ ଅବ୍‌ଦକା ୱ୍ୱ ଅରିନା ଅୟାମକା ୱ୍ୱ ଶହ୍‌ହିର୍‌ଲନା ହୁସାମକା ୱ୍ୱଲା ତଜର୍ ମିନଲ୍ କାଫିରିନା ଶରିରା"**
*(ତଜ୍‌କାରାଃ, ପୃ-୨୪୬, ଚତୁର୍ଥ ଏଡ଼ିଶନ୍)*

ଅର୍ଥାତ:- ହେ ମୋର ପାଳନକର୍ତା ! ମୋ ପ୍ରାର୍ଥନା ଶୁଣ । ଆପଣଙ୍କ ଶତୃ ଓ ମୋ ଶତୃମାନଙ୍କୁ ଖଣ୍ଡ ଖଣ୍ଡ କରିଦିଅ ଏବଂ ନିଜର ପ୍ରତିଶୃତି ପୁରଣ କର ଏବଂ ନିଜର ଭକ୍ତମାନଙ୍କୁ ସାହାଯ୍ୟ କର ଏବଂ ଆମକୁ ତୁମ ଦଣ୍ଡ ଦେବାର ଦିନ ଦେଖାଅ ଏବଂ ନିଜର ତରବାରୀକୁ ଆମ ପାଇଁ ପ୍ରସ୍ତୁତ କରି ଦେଖା ଏବଂ ଅମାନ୍ୟକାରୀମାନଙ୍କ ମଧ୍ୟରୁ କୌଣସି ଦୁଷ୍ଟକୁ ମଧ୍ୟ ଛାଡ଼ିଦିଅ ନାହିଁ ।

ପୁଣି ଆପଣ ଆ:ସଙ୍କର ଏକ ଦୁଆ ରହିଛି କି ହେ ସାରା ବ୍ରହ୍ମାଣ୍ଡର ପାଳନକର୍ତା ! ମୁଁ ତୁମ ଅନୁଗ୍ରହର କୃତଜ୍ଞତା ଜ୍ଞାପନ କରିପାରିବି ନାହିଁ । ତୁମେ ଅତ୍ୟନ୍ତ ଦୟାବାନ ଓ ସଦାକରୁଣାମୟ । ତୁମର ମୋ ଉପରେ ଅସୁମାରୀ ଅନୁକମ୍ପା ରହିଛି । ମୋର ପାପାକୁ କ୍ଷମା କର ନ ହେଲେ ମୁଁ ଧ୍ୱଂସ ହୋଇଯିବି । ମୋ ହୃଦୟରେ ନିଜର ସ୍ୱଷ୍ଟ ପ୍ରେମକୁ ପକାଅ ଯଦ୍ୱାରା ମତେ ଜୀବନ ମିଳୁ । ମୋର ଦୋଷ ଦୃବଳତାକୁ ଢ଼ାଙ୍କିଦିଅ । ମୋ ଦ୍ୱାରା ଏପରି କର୍ମ କରାଅ ଯଦ୍ୱାରା ତୁମେ ପ୍ରସନ୍ନ ହେବ । ମୁଁ ତୁମ ଦୟାବନ୍ତ ଶ୍ରୀମୁଖ ସମ୍ମୁଖରେ ଏକଥାର ଶରଣ ଭିକ୍ଷା କରୁଅଛି ଯେ ତୁମର କ୍ରୋଧ ମୋ ଉପରେ ନ ହେଉ । କରୁଣା କର । ଦୟା କର । ଦୟାକର । ଏବଂ ଏ ପୃଥିବୀ ଓ ପରକାଳର ବିପତିରୁ ମତେ ବଂଚାଓ କାରଣ ପ୍ରତ୍ୟେକ କୃପା ଓ ଦୟା ହାତରେ ଅଛି । ଆମିନ୍
*(ଉଦ୍ଧୃତ ମକ୍‌ତୁବାତେ ଅହ୍‌ମଦୀୟା, ଖଣ୍ଡ-୨, ପୃ-୧୫୯ ମକ୍‌ତୁବ୍ ବନାମ୍ ହଜ୍‌ରତ୍ ନୱ୍ୱାବ୍ ମୁହମ୍ମଦ୍ ଅଲୀ ଖାନ୍ ସାହେବ୍ ର:ଅ ମକ୍‌ତୁବ୍ ନଂ-୩)*

ପୁଣି ଆପଣ ଆ:ସଙ୍କର ଗୋଟିଏ ଦୁଆ ରହିଛି ଯେ: ହେ ମୋର ଖୁଦା ! ମୋର ଗୁହାରୀ ଶୁଣ ଯେ ମୁଁ ଏକାକି ଅଛି- ହେ ମୋର ଶରଣାଦାତା ! ହେ ମୋର ଢ଼ାଲ ! ମୋ ପ୍ରତି ଧ୍ୟାନ ଦିଅ ଯେ ମତେ ପରିତ୍ୟାଗ କରାଯାଇଅଛି । ହେ ମୋର ପ୍ରୀୟ ! ହେ ମୋର ସବୁଠାରୁ ପ୍ରୀୟ ! ମତେ ଏକାକି ଛାଡ଼ ନାହିଁ ମୁଁ ତୁମ ସହିତ ଅଛି ଏବଂ ତୁମ ଆସ୍ଥାନରେ ମୋର ଆତ୍ମା ନତମସ୍ତକ କରୁଛି । *(ଉଦ୍ଧୃତ ସିରତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲେଖକ:- ୟାକୁବ୍ ଅଲୀ ଇର୍‌ଫାନୀ ର:ଅ, ଭାଗ-୫, ପୃ-୫୫୩)*

ଆସନ୍ତୁ ବର୍ତମାନ ମିଳିମିଶି ଦୁଆ କରିବା, ଅଲ୍ଲାଃ ତାଲା ଆମମାନଙ୍କ ଦୁଆଗୁଡ଼ିକୁ କୁବୁଲ୍ (ଗ୍ରହଣ) କରନ୍ତୁ । ଦୁଆ କରନ୍ତୁ । (ଦୁଆ)
*(ବହୱ୍ୱାଲା ଅଖ୍‌ବାର ବଦର ଉର୍ଦ୍ଦୁ ୩୦ ଏପ୍ରିଲ୍ ୨୦୨୦)*

⌘⌘⌘⌘⌘⌘⌘⌘⌘⌘⌘

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan